# ଏମ୍‌ଭି ୨୬ ଚାଲିଛି ଥଇଥାନ କାର୍ଯ୍ୟ

## ପିଲାଙ୍କୁ ଯୋଗାଇ ଦିଆଯାଇଛି ଶୃଙ୍ଖଳା ଖାଦ୍ୟ



ମାଲକାନଗିରି,୧୨।୧୨(ସମିସ): ମାଲକାନଗିରି ଜିଲ୍ଲାର ଏମ୍‌ଭି -୨୬ ଗ୍ରାମରେ ଉତ୍ତେଜନାମୂଳକ ପରିସ୍ଥିତି ଧୀରେ ଧୀରେ ସୁଧୁରିବାରେ ଲାଗିଛି। ଏମମ୍‌ଭି-୨୬ ଗ୍ରାମକୁ ଲୋକେ ଫେରିବାରେ ଲାଗିଛନ୍ତି। ଗତକାଲି ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର ଓ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଏମ୍‌ଭି-୨୬ ଗ୍ରାମ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ଏମମ୍‌ଭି -୨୬ ଗ୍ରାମରେ କ୍ଷୟକ୍ଷତିର ଆକଳନ ସହ ୪ ଜଣିଆ ବୈଷୟିକ ଦଳ ବାସଗୃହର କ୍ଷୟକ୍ଷତି ଆକଳନ କରୁଛନ୍ତି। ଏଥିସହ ବିଜୁଳି ସେବା ଓ ପାନୀୟ ଜଳ ପାଇପ ଲାଇନକୁ ପୁନଃରୁଦ୍ଧାର କରାଯାଉଛି। ଗ୍ରାମବାସୀଙ୍କୁ ପ୍ରଶାସନ ପକ୍ଷରୁ ରନ୍ଧନ ଖାଦ୍ୟ ପ୍ରଦାନ କରାଯାଉଥିବା ବେଳେ ବଙ୍ଗାଳୀ ସମାଜର ବିଭିନ୍ନ ଗ୍ରାମବାସୀଙ୍କ ପକ୍ଷରୁ ମଧ ରନ୍ଧନ ଖାଦ୍ୟ ଯୋଗାଇ ଦିଆଯାଉଛି । ଏଥିସହ ସ୍ତ୍ରୀମାନଙ୍କ ପାଇଁ ଶାଢୀ ଓ ପୁରୁଷମାନଙ୍କ ପାଇଁ ଲୁଙ୍ଗିର ବ୍ୟବସ୍ଥା କରାଯାଉଛି। ଆସନ୍ତାକାଲି ଭାରତୀୟ ରେଡ୍‌କ୍ରସ ପକ୍ଷରୁ ରିଲିଫ ସାମଗ୍ରୀ ପହଞ୍ଚିବ। ତାକୁ ଆସନ୍ତାକାଲି ବଣ୍ଟନ କରାଯିବ ବୋଲି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ପ୍ରକାଶ କରିଛନ୍ତି। ବାସଗୃହ କ୍ଷୟକ୍ଷତିକୁ ବାଦ ଦେଲେ ବିଭିନ୍ନ ଆସବାବପତ୍ର ଓ ସାମଗ୍ରୀ ପ୍ରାଥମିକ ଆକଳନରୁ ୩.୪ କୋଟିର କ୍ଷୟକ୍ଷତି ହୋଇଥିବା ଜିଲ୍ଲାପାଳ ଶ୍ରୀ ଉପାଧ୍ୟାୟ ପ୍ରକାଶ କରିଛନ୍ତି। ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ମାଲକାନଗିରି ଜିଲ୍ଲାରେ ଇଣ୍ଟରନେଟ୍ ସେବା କଟକଣାକୁ ପୁଣି ୨୪ ଘଣ୍ଟା ପାଇଁ ବଢ଼ାଇ ଦିଆଯାଇଛି। ଅର୍ଥାତ ଶନିବାର ରାତ୍ରି ୧୨ଟା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଯାହାକି ଆହୁରି ବଢ଼ିପାରେ ବୋଲି ଅନୁମାନ କରାଯାଉଛି। ଏଥିସହ ସମ୍ପୃକ୍ତ ଅଞ୍ଚଳରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏଭଳି ପରିସ୍ଥିତି ଯୋଗୁଁ ଜିଲ୍ଲା ସ୍ତରୀୟ ମାଲ୍ୟବନ୍ତ ମହୋତ୍ସବକୁ ସ୍ଥଗିତ କରାଯାଇଛି। ଏମଭି ୨୬ ଗ୍ରାମରେ କ୍ଷତିଗ୍ରସ୍ତ ପରିବାରଙ୍କ ୨୦୬ ଜଣଙ୍କୁ ଟାରପଲିନ୍ ଓ କମ୍ବଳ ବଣ୍ଟନ କରାଯାଇଛି। ଏହାସହ ପୀଡ଼ିତ ଗ୍ରାମବାସୀଙ୍କୁ ୨ଟି ବିଛଣା ଯୋଗାଇ ଦିଆଯାଇଛି। ଏମଭି ୨୬ ଗ୍ରାମର ପୁରୁଷ ସଦସ୍ୟମାନେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିବା କଥା ଜିଲ୍ଲାପାଳ ଆରଡିସିଙ୍କୁ ଜଣାଇଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ହୋଇଥିବା କ୍ଷୟକ୍ଷତିର ଆକଳନ କରାଯାଇଛି। ବିଦ୍ୟୁତ୍ ସଂଯୋଗୀକରଣ ପାଇଁ ବିଦ୍ୟୁତ୍ ବିଭାଗ ତତ୍ପରତାର ସହ ଅହରହ କାର୍ଯ୍ୟ କରୁଛନ୍ତି। ପ୍ରତ୍ୟେକ ଘରକୁ ସୁରକ୍ଷିତ ଭାବେ ବିଦ୍ୟୁତ୍ ସଂଯୋଗୀକରଣ କରାଇବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ପ୍ରତ୍ୟେକ୍ଷ ତତ୍ତ୍?।ବଧାନରେ ଏମଭି ୨୬ ଗ୍ରାମରେ ଥଇଥାନ ଦ୍ରୁତ ଗତିରେ ଚାଲିଛି। ଜିଲ୍ଲାପାଳ ନିଜେ ଏମଭି ୨୬ ଗ୍ରାମରେ ଉପସ୍ଥିତ ରହି ସ୍ଥିତି ଉପରେ କଡ଼ା ନଜର ରଖିବା ସହ ରିଲିଫ୍ କାର୍ଯ୍ୟ ଅତି ଯତ୍ନ ସହକାରେ କରିବାକୁ ଅଧିକାରୀ ଓ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ପ୍ରଶାସନ ର ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତି ରହି ପୀଡ଼ିତଙ୍କୁ ରିଲିଫ୍ ସାମଗ୍ରୀ ବଣ୍ଟନ କରୁଛନ୍ତି। ଆଜି ଆହୁରି ଅଧିକ ଗ୍ରାମବାସୀ ନିଜ ନିଜ ଘରକୁ ଫେରିଛନ୍ତି। ପ୍ରଶାସନ ପକ୍ଷରୁ ସେମାନଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି। ଆଜି ୩ ରୁ ୬ ବର୍ଷ ର ଶିଶୁ ଙ୍କ ପାଇଁ ୬ ଦିନ ର ଶୃଖଳା ଖାଦ୍ୟ ବଣ୍ଟନ କରାଯାଇଛି। ଆସନ୍ତାକାଲି ଆହୁରି ୧୦ ଦିନ ପାଇଁ ୩ ରୁ ୬ ବର୍ଷ ର ଶିଶୁ ଙ୍କ ପାଇଁ ଶୃଖଳା ଖାଦ୍ୟ ପ୍ରଦାନ କରାଯିବ। ରାଜସ୍ୱ ବିଭାଗ ପକ୍ଷରୁ କ୍ଷୟକ୍ଷତିର ଆକଳନ ଚାଲିଛି। ଟିପିଏସଓଡିଏଲ ର କର୍ମଚାରୀ ଅହରହ ଦିନରାତି ଉପସ୍ଥିତ ରହି ବିଦ୍ୟୁତ୍ ସଂଯୋଗୀକରଣ କାର୍ଯ୍ୟ କରୁଛନ୍ତି। ସୁରକ୍ଷା ବ୍ୟବସ୍ଥା ମଧ କଡ଼ାକଡ଼ି ରହିଛି। ଦକ୍ଷିଣାଞ୍ଚଳ ଡିଆଇଜି ନିଜେ ପୀଡିତ ଗ୍ରାମରେ ଉପସ୍ଥିତ ରହି ସୁରକ୍ଷା ସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି। ବିଏସଏଫ, ସିଆରପିଏଫ, ଆରଏଏଫ ଓ ସ୍ଥାନୀୟ ପୋଲିସ ଡ୍ୟୁଟିରେ ସଜାଗ ଅଛନ୍ତି। ଅତିରିକ୍ତ ଜିଲ୍ଲାପାଳ, ମୁଖ୍ୟ ଉନ୍ନୟନ ଅଧିକାରୀ, ଉପ ଜିଲ୍ଲାପାଳ, ପିଏ ଆଇଟିଡିଏ, ଜିଲା ମଙ୍ଗଳ ଅଧିକାରୀଙ୍କ ସମେତ ସମସ୍ତ ବିଡ଼ିଓ ତହସିଲଦାର ଉପସ୍ଥିତ ରହି ରିଲିଫ୍ କାର୍ଯ୍ୟ ତଦାରଖ କରୁଛନ୍ତି। ଓଡ଼ିଶା ରେଡକ୍ରସ୍ ସୋସାଇଟିରୁ ବିଭିନ୍ନ ରିଲିଫ୍ ସାମଗ୍ରୀ ଅଣାଯାଉଛି। ପୀଡିତଙ୍କୁ କମ୍ବଳ, କିଚେନ ସେଟ୍, ମଗ୍, ବାଲ୍ଟି, ଟାରପଲିନ, ଶାଢ଼ୀ, ଲୁଙ୍ଗି, ଗାମୁଛା, ବଡ଼ ଜାରକିନ୍, ୫ ରୁ ୩୦ ବର୍ଷୀୟ ଙ୍କ ପାଇଁ ପୋଷାକ ବଣ୍ଟନ କରାଯିବ। ସେହିପରି ଆହୁରି ୨୪ ଘଣ୍ଟା ପାଇଁ ସମଗ୍ର ଜିଲ୍ଲାରେ ଇଣ୍ଟରନେଟ୍ ସେବାକୁ ବନ୍ଦ କରି ଦିଆଯାଇଛି।

● ୩୨୬ ଏନ୍‌ଏଚ୍‌ରେ ପୁଣି ଦୁର୍ଘଟଣା

## ଟ୍ରକ୍-ବାଇକ୍ ଧକ୍କା; ଜଣେ ମୃତ

ରାୟଗଡ଼ା,୧୨।୧୨(ସମିସ) : ୨୪ ଘଣ୍ଟା ନ ପୂରୁଣୁ ପୁଣି ୩୨୬ ନଂ ଜାତୀୟ ରାଜପଥରେ ଘଟିଛି ସଡ଼କ ଦୁର୍ଘଟଣା । ଏକ ବାଇକକୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ ଧକ୍କା ଦେବାରୁ ଘଟଣାରେ ଜଣକର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇ ଜଣ ଆହତ ହୋଇଛନ୍ତି। ଗୁରୁବାର ବିଳମ୍ବିତ ରାତିରେ ଏକ ଟ୍ରକ ଜେକେପୁର ଠାରୁ ରାୟଗଡ଼ା ଅଭିମୁଖେ ଆସୁଥିବା ବେଳେ ରାୟଗଡା ସହର ସ୍ଥିତ ରିଲାଏନ୍ସ ମଲ୍ ନିକଟରେ ଛିଡ଼ା ହୋଇଥିବା ମୋଟର ସାଇକେଲକୁ ଧକ୍କା ଦେଇଥିଲା। ଫଳରେ ମୋଟର ସାଇକେଲ ଆରୋହୀ ସମେତ ଅନ୍ୟ ଦୁଇ ଜଣ ଆହତ ହୋଇଥିଲେ। ଖବରପାଇ ଚାନ୍ଦିଲି ଥାନା ଆଇଆଇସି ଉତମ କୁମାର ସାହୁ ଓ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତିନି ଆହତଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଆହତଙ୍କ ସମ୍ପର୍କୀୟ ସେମାନଙ୍କୁ ବିଶାଖାପାଟଣାମ ମେଡିକାଲକୁ ସ୍ଥାନାନ୍ତରିତ କରିଥିଲେ। ଗୁରୁତର ଆହତ ହୋଇଥିବା ରାୟଗଡ଼ା ବ୍ଲକର ମାଲିଗାଁ ଗ୍ରାମର କୁର୍ମାରାଓ ଜିଲାକାରା(୩୫)ଙ୍କ ମୃତ୍ୟୁ ଘଟିଥିଲା। । ଅନ୍ୟ ଦୁଇ ଆହତ ମାଲିଗାଁର ବାବାରାଓ ହୁଇକା ଓ ତେଜାରାଓ ହୁଇକା ବୋଲି ଜଣାପଡିଛି। କୁର୍ମାରାଓଙ୍କ ମୃତଦେହ ରାୟଗଡ଼ାରେ ପହଞ୍ଚିବା ପରେ ପରିବାର ବର୍ଗ ଓ ଗାଁ ଲୋକଙ୍କ ମଧରେ ଉତ୍ତେଜନା ପ୍ରକାଶ ପାଇବା ସହିତ କ୍ଷତିପୂରଣ ଦାବି କରିଥିଲେ। ସ୍ଥାନୀୟ ଯୁବ ନେତା ବସନ୍ତ ଉଲାକା, ଯାଲା ଭେଙ୍କେଟେଶ୍ୱର ଓ ଅନ୍ୟମାନେ ପୋଲିସ ଉପସ୍ଥିତିରେ ବୁଝାମଣା କରିଥିଲେ। ଟ୍ରକ ମାଲିକଙ୍କ ଠାରୁ ମୃତକ ଓ ଦୁଇ ଆହତଙ୍କ ପରିବାରକୁ କ୍ଷତିପୂରଣ ସୁବିଧା କରାଇବା ସହିତ ବିଶାଖାପାଟଣାରେ ଚିକିତ୍ସିତ ଦୁଇ ଆହତଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ଗାଡି ମାଲିକ ବହନ କରିବା ନେଇ ନିଷ୍ପତି ହୋଇଥିଲା। ତେବେ ୩୨୬ନଂ ଜାତୀୟ ରାଜପଥ କଡ଼ରେ ରହିଥିବା ରିଲାଏନ୍ସ ସ୍ମାର୍ଟ ବଜାର ମଲ୍ ସମ୍ମୁଖରେ ସମ୍ପୃକ୍ତ କୋଠା ମାଲିକ ବେଆଇନ୍ ଭାବେ ଚଲାପଥକୁ ଦଖଲ କରି ପାର୍କିଂ କରିଥିବାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ମାଲିଗାଁ ଗ୍ରାମବାସୀ ସେଠାରେ ରହି ଜବରଦଖଲ ଉଚ୍ଛେଦ ଦାବିରେ ଧାରଣା ଦେବା ସହିତ ରିଲାଏନ୍ସ ସ୍ମାର୍ଟ ବଜାରକୁ ବନ୍ଦ କରାଇଥିଲେ। ପରେ ଚାନ୍ଦିଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାସୁଝା କରିବା ପରେ ଉତ୍ୟକ୍ତ ଲୋକେ ସେଠାରୁ ହଟିଥିଲେ।

## ‘ଚଇତି’ ଉପଲକ୍ଷେ କବିତା ଓ ଝୋଟି ପ୍ରତିଯୋଗିତା



ପଦ୍ମପୁର,୧୨।୧୨(ସମିସ): ଆଜି ରାୟଗଡ଼ ଜିଲ୍ଲା ପଦ୍ମପୁର ବ୍ଲକ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ସଭାଗୃହଠାରେ ପୂର୍ବ ସୂଚନା ଅନୁସାରେ, ବ୍ଲକ ଅଧକ୍ଷା ମଣିମାଳା ଶବରଙ୍କ ଅଧକ୍ଷତାରେ ଅଞ୍ଚଳର ସୁନାମ ଧନ୍ୟ ବ୍ୟକ୍ତି ବିଶେଷ ତଥା କବିତା ଓ ଝୋଟି ପ୍ରତିଯୋଗିତା ପାଇଁ ଆଗ୍ରହୀ ଯୁବବର୍ଗ ଓ ଛାତ୍ର ଛାତ୍ରୀଙ୍କୁ ନେଇ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ନିମନ୍ତ୍ରିତ ଅତିଥି ରୁପେ ଉପସ୍ଥିତ ପଦ୍ମପୁର ଉନ୍ନୟନ ପରିଷଦର ରମେଶଚନ୍ଦ୍ର ପଣ୍ଡା, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ପଣ୍ଡିତ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ, ଓଡ଼ିଆ ଭାଷାବିତ୍ ତଥା ଆଦର୍ଶ ଶିକ୍ଷକ ଦିଲୀପ କୁମାର କର ଏବଂ କଳାକାର ତଥା ଶିକ୍ଷକ ମନୋଜ ଜେନାଙ୍କୁ ଉପୈଡøକନ ଦେଇ ଆସନ ଅଳଙ୍କୃତ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏହା ପରେ ମରିଚଗୁଡାର ମାତାରାବରମ ଅକ୍ଷର ବ୍ରହ୍ମ ମନ୍ଦିରର ସଦସ୍ୟ ତଥା ଶିକ୍ଷକ ସ୍ୱର୍ଗତ ଡିଗାସ୍ମି ଗମାଙ୍ଗଙ୍କ ସ୍ମୃତି ଚାରଣ ଉଦ୍ଦେଶ୍ୟରେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଝୋଟି ଓ କବିତା ପାଠରେ ଭାଗ ନେଇ ଥିବା କବିୟତ୍ରୀ ସୁଭାଷିନୀ ମିଶ୍ର, ଗାୟତ୍ରୀ ପଣ୍ଡା, କବି ରୁପେଶ ସାହୁ, ସୌମ୍ୟରଞ୍ଜନ ନାୟକ, ଚିତ୍ତ ସେନାପତିଙ୍କ ଅନ୍ୟାନ ବ୍ୟକ୍ତି ବିଶେଷ ଓ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଛି। ଏଥିରେ ଆଦିତ୍ୟ ମିଶ୍ର ଓ ଜଗମୋହନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

● ୬ଜଣ ମଙ୍ଗଳ ସଂପ୍ରସାରଣ ଅଧିକାରୀଙ୍କ ବଦଳି

## ଗୁଣପୁର ଡବ୍ଲୁଇଓଙ୍କୁ ରାମନାଗୁଡା ଅତିରିକ୍ତ ଦାୟିତ୍ୱ

ରାୟଗଡ଼ା,୧୨।୧୨(ସମିସ): ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଜିଲ୍ଲାର ୬ ଜଣ ମଙ୍ଗଳ ସଂପ୍ରସାରଣ ଅଧିକାରୀଙ୍କୁ ଜିଲ୍ଲା ମଧ୍ୟରେ ଅଦଳ ବଦଳ କରି ବଦଳି କରିଥିବା ଜଣାପଡିଛି। ଜିଲ୍ଲାପାଳଙ୍କ ଚିଠି ସଂଖ୍ୟା ୫୭୦୯/ଏକ୍ସ-୨୫ରେ ରାୟଗଡା ବ୍ଲକ ଡବ୍ଲ୍ୟୁଇଓ ପ୍ରକାଶ ନାୟକଙ୍କୁ କଲ୍ୟାଣସିଂହପୁର ବଦଳି ହୋଇଥିବା ବେଳେ କଲ୍ୟାଣସିଂହପୁର ଡବ୍ଲ୍ୟୁଇଓ ଚନ୍ଦନ କୁମାର ବାଙ୍ଗାରୀଙ୍କୁ ରାୟଗଡା ବ୍ଲକ, କାଶିପୁର ଡବ୍ଲ୍ୟୁଇଓ ଅକ୍ଷୟ କୁମାର ସାହୁଙ୍କୁ ଚନ୍ଦ୍ରପୁର ବଦଳି ହୋଇଥିବା ବେ୍ଳେ ଚନ୍ଦ୍ରପୁର ଡବ୍ଲ୍ୟୁଇଓ ଶ୍ରୀତମ ପୃଷ୍ଟିଙ୍କୁ କୋଲନରା ବ୍ଲକ,ରାମନାଗୁଡା ଡବ୍ଲ୍ୟୁଇଓ ସୁସ୍ମିତା ରଥଙ୍କୁ ଗୁଡାରୀ,ଗୁଣପୁର ଡବ୍ଲ୍ୟୁଇଓ ଗଙ୍ଗାଧର ବେହେରାଙ୍କୁ ରାମନାଗୁଡା ଅତିରୀକ୍ତ ଦାୟିତ୍ୱ ଦିଆଯାଇଥିବା ବେଳେ କୋଲନରା ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଦେବାଶିଷ ମୁଣ୍ଡଙ୍କୁ କାଶିପୁର ବ୍ଲକ ବଦଳି ହୋଇଥିବା ଜଣାପଡିଛି। ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗରେ କାର୍ଯ୍ୟ କରୁଥିବା ଡବ୍ଲ୍ୟୁଇଓ ମାନେ ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟ ଏବଂ ଆବାସିକ ହଷ୍ଟେଲ ପରିଚାଳନାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି । ବିଭାଗରେ ସ୍ୱଚ୍ଛତା ଆଣିବା ଏବଂ ସୂଚାରୁ ପରିଚାଳନା ନିମନ୍ତେ ବଦଳି କରାଯାଇଥିବା ଜାରି ହୋଇଥିବା ବଦଳି ଚିଠିରେ ଦର୍ଶାଯାଇଛି।

■ କଂଗ୍ରେସ ନେତା ବିଏସ୍‌ପି ମୁହାଁ

## ବିଏସ୍‌ପିରେ ଯୋଗଦେଲେ ଶ୍ରୀପତି ଉର୍ଲାକା



ବିଷମ କଟକ,୧୨।୧୨(ସମିସ): ବିଷମ କଟକ ନିର୍ବାଚନ ମଣ୍ଡଳିର ସକ୍ରିୟ କଂଗ୍ରେସ୍ କର୍ମୀ ଜଣ ପରେ ଜଣେ ବହୁଜନ ସମାଜପାର୍ଟୀରେ ଯୋଗ ଦେଉଛନ୍ତି। ଏହା ବିଏସ୍‌ପି ପାଇଁ ଶୁଭଙ୍କର ହେଉଥିବା ସହ ଦଳ ଶକ୍ତି ଗୁଟାଇବାର ଲାଗିଛି। ଅପରପକ୍ଷେ କଂଗ୍ରେସକୁ ଏହା ଶକ୍ତ ଧକ୍କା ଲାଗିଛି। ବିଷମ କଟକ ବ୍ଲକର ଚାଞ୍ଚଡାଗୁଡ଼ା ଗ୍ରାମ ପଞ୍ଚାୟତର କଂଗ୍ରେସର ସକ୍ରିୟ କର୍ମୀ ରାମଦାଶ ଟାକ୍ରି ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଅବସରରେ ବିଏସ୍‌ପିରେ ଯୋଗ ଦେବା ପରେ ତାଙ୍କୁ ଦଳ ରାୟଗଡ଼ା ଜିଲ୍ଲାର ପ୍ରଭାରୀ ଦାୟୀତ୍ୱ ହସ୍ତାନ୍ତର କରିଛି। ସେହିପରି ଗତକାଲି ବିଷମ କଟକ ବ୍ଲକ କଂଗ୍ରେସ୍‌ର ପୂର୍ବତନ ବ୍ଲକ ସଭାପତି ଶ୍ରୀପତି ଉର୍ଲାକା, କୁର୍ଲୀ ଗ୍ରାମ ପଞ୍ଚାୟତର ସକ୍ରିୟ କର୍ମୀ କ୍ଷୀରବାଘ କଂଗ୍ରେସ୍ ଛାଡି ବିଏସ୍‌ପିରେ ଯୋଗ ଦାନ କରିଛନ୍ତି। ୨୦୨୪ ସାଧାରଣ ନିର୍ବାଚନରେ କଂଗ୍ରେସ ଦଳର ବିଧାୟକ ବିଜୟ ହେବା ପରେ ଦଳୀୟ ନେତୃତ୍ୱ ଦଳର ବରିଷ୍ଠ କର୍ମୀ ମାନଙ୍କୁ ଅଣଦେଖା କରିବା ସହ ଲୋକଙ୍କ ସମସ୍ୟାର ସମାଧାନ ଦିଗରେ ଗୁରୁତ୍ୱ ନ ଦେବାରୁ କର୍ମୀ ମାନେ ଦଳ ଛାଡୁଥିବା ପୂର୍ବତନ ବ୍ଲକ ସଭାପତି ଶ୍ରୀପତି ଉର୍ଲାକା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ବହୁଜନ ସମାଜ ପାର୍ଟୀ ଆଦିବାସୀ, ଦଳିତ ମାନଙ୍କ ସେବା ସୁରକ୍ଷା ଦିଗରେ କାର୍ଯ୍ୟ କରିଆସୁଥିବାରୁ ଦଳର ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳରେ ଯୋଗ ଦେଇଥିବା କହିଛନ୍ତି। ଶ୍ରୀପତି ବିଏସ୍‌ପିରେ ଯୋଗଦାନ ପରେ ଦଳ ତାଙ୍କୁ ଏସ୍‌ଟି ସେଲ୍‌ର ଜିଲ୍ଲା ପ୍ରଭାରୀ ଦାୟୀତ୍ୱ ପ୍ରଦାନ କରିଛି। ଆସନ୍ତା ଜାନୁୟାରୀ ୨୦ ତାରିଖ ସୁଦ୍ଧା ଜିଲ୍ଲାର ବିଭିନ୍ନ ରାଜନୈତିକ ଦଳର ପୂର୍ବତନ ବିଧାୟକ, ଜିଲ୍ଲାପରିଷଦ ସଦସ୍ୟ, ବ୍ଲକ ଅଧକ୍ଷ ଏବଂ ଦୁଇ ହଜାରରୁ ଅଧିକ ସକ୍ରିୟ କର୍ମୀ ବିଏସ୍‌ପି ଦଳରେ ଯୋଗ ଦେବେ ବୋଲି ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ଟାକ୍ରି ସୂଚନା ଦେଇଛନ୍ତି।

## ‘ଚଇତି’ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଉଦ୍‌ଘାଟିତ



ଗୁଣପୁର,୧୨।୧୨(ସମିସ): ଗୁଣପୁର ଉପଖଣ୍ଡସ୍ତରୀୟ ଚଇତି ଇଡ଼ତାଲ ମୋହତ୍ସବ ଅବସରରେ ଶୁକ୍ରବାର ଦିନ ସନ୍ଧ୍ୟାରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉଦ୍‌ଘାଟନ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ଉପ ଜିଲ୍ଲାପାଳ ଅଭିଷେକ ଦିଲ୍ଲୀପ ଦୁଧାଲ, ଗୁଣପୁର ପୌର ଅଧକ୍ଷା ମମତା ଗୌଡ଼, ଗାନ୍ଧୀ ବିଶ୍ୱବିଦ୍ୟାଳୟର ଉପ ସଭାପତି ଡ଼. ଚନ୍ଦ୍ରଧ୍ୱଜ ପଣ୍ଡା, ଜିଆଇସିଏମଏସ ଶିକ୍ଷାନୁଷ୍ଠାନର ଅଧକ୍ଷ ଅକ୍ଷୟ କୁମାର ଦାଶ, ବିଜେପି ରାଷ୍ଟ୍ରୀୟ ପରିଷଦ ସଦସ୍ୟ ୱାଇ ଗଣପତି, ପଦ୍ମପୁର ବିଡିଓ କୁରେଶୁ ଯାନୀ,ଏଚଡିଏଫସି ବ୍ୟାଙ୍କ ପରିଚାଳକ ଦିଲ୍ଲୀପ ପଣ୍ଡା, ସୌମ୍ୟ ଦାଶ ପ୍ରମୁଖ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ାବିତ୍ ସପନ ଦାଶଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଅତିଥିମାନେ ଖେଳାଳି ମାନଙ୍କୁ ଶୃଙ୍ଖଳାର ସହ ଖେଳୁଆଡ଼ ମନୋଭାବ ନେଇ ଖେଳିବାକୁ ପରାମର୍ଶ ଦେଇଥିଲେ। ଏହି ପ୍ରତିଯୋଗିତାରେ ଜୁନିୟର ଓ ସିନିୟର ବର୍ଗର ମୋଟ ୫୦ ଟି ଦଳ ଅଂଶଗ୍ରହଣ କରିବାକୁ ଥିବା ବେଳେ ୪ଟି ବାଳିକା ଦଳ ରହିଛନ୍ତି। ଏହି ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ତିନି ଦିନ ଧରି ଚାଲିବ ବୋଲି ଚଇତି କ୍ରୀଡା କମିଟିର ଅଧକ୍ଷ ତଥା ଗୁଣପୁର ବିଡ଼ିଓ ସ୍ୱସ୍ତିକ ଜମାଦାର ସୂଚନା ଦେଇଛନ୍ତି। ଆଜି ଅନୁଷ୍ଠିତ ପ୍ରତିଯୋଗିତା ଗୁଡିକୁ ବ୍ୟାଡ୍‌ମିଣ୍ଟନ କୋଚ ଡି.ମାଣିକାଣ୍ଡା, ସିଦ୍ଧାର୍ଥ ଖାଡଙ୍ଗା, ନମିତା ରଥ, ଅଲିଭା ଜ୍ୟୋତି ଦେ, ନନ୍ଦିନୀ ପଣ୍ଡା, ଜୟକୃଷ୍ଣ ପାତ୍ର, ଶଙ୍କର୍ଷଣ ମହାନ୍ତି, ଗଣେଶ ମହାପାତ୍ର, କମଳାକାନ୍ତ ଖୁଣ୍ଟିଆ, ବ୍ଲକ ମଙ୍ଗଳ ଅଧିକାରୀ ଗଙ୍ଗାଧର ବେହେରା, ରବିନ୍ଦ୍ର କୁମାର ପଣ୍ଡା, ଦିଲ୍ଲୀପ ପଣ୍ଡା, ପ୍ରଦୀପ କୁମାର ପାତ୍ର, ଲୋକ ସମ୍ପର୍କ ବିଭାଗର ଅନନ୍ତ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## କଲ୍ୟାଣସିଂହପୁର-କଟକ ଘରୋଇ ବସ୍ ସେବା ଆରମ୍ଭ

କଲ୍ୟାଣସିଂହପୁର,୧୨।୧୨(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଆଦିବାସୀ ଅଧୁଷିତ ଅଞ୍ଚଳରେ ଲୋକଙ୍କ ଅଭିଯୋଗ ପରେ କଲ୍ୟାଣସିଂହପୁର ଠାରୁ କଟକ ଘରୋଇ ବସ୍ ସେବା ଚାଲୁ ହୋଇଥିବା ଦେଖିବାକୁ ମିଳିଛି। କଲ୍ୟାଣସିଂହପୁର ଠାରୁ ରାୟଗଡ଼ା ଅଭିମୁଖେ ଘରୋଇ ବସ ଚାଲୁଥିଲା। କୋରାପୁଟ, ବ୍ରହ୍ମପୁର, ଭୁବନେଶ୍ୱର, କଟକ, ପୁରୀ ଯିବା ପାଇଁ ବହୁ ଯାତ୍ରୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। କଲ୍ୟାଣସିଂହପୁର ଠାରୁ ରାୟଗଡା ଯିବା ମୁଖ୍ୟ ରାସ୍ତାରେ ଜେକେପୁର ନିକଟରେ ରେଳ ଭୂତଳ ରହିଥିବା ଯୋଗୁଁ ସ୍ଲିପର କୋଚ ଉଚ୍ଚା ରହିଥିବାରୁ ଯାତାୟାତ ହୋଇପାରୁ ନଥିଲା। ଏହାକୁ ନେଇ ଖଣି, ଇସ୍ପାତ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା କଲ୍ୟାଣ ସିଂହପୁର ଦେବଗିରି ପୀଠକୁ ଦର୍ଶନ କରିବା ପାଇଁ ଆସିଥିବା ବେଳେ ଗଣମାଧ୍ୟମ ପ୍ରତିନିଧି ଓ ଗ୍ରାମବାସୀ ମିଳିତରେ ଦେବଗିରିର ପାହାଡ଼ର ଉନ୍ନତି ସହ ଦେବଗିରି ଧାମ ନାମରେ କଟକ, ପୁରୀ ଶ୍ରୀକ୍ଷେତ୍ର ଓ ବ୍ୟବସାୟୀ ଜିନିଷ ପାଇଁ ବ୍ରହ୍ମପୁରକୁ ଯୋଗାଯୋଗ ଯୋଗାଇ ଦେବା ପାଇଁ କୁହାଯାଇଥିଲା। ଏହାକୁ ନେଇ ମନ୍ତ୍ରୀ ଅଳ୍ପ ଦିନ ମଧ୍ୟରେ ବସ୍ ସେବା ଯୋଗାଇ ଦିଆଯିବ ବୋଲି ପ୍ରତିଶୃତି ଦେଇଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ସରକାରୀ ବସ୍ ପରିବର୍ତ୍ତନ ଘରୋଇ ଗାନ୍ଧୀ ବସ୍ କଲ୍ୟାଣ ସିଂହପୁର ଠାରୁ ଲାଞ୍ଜିଗଡ, ମୁନିଗୁଡା, ବିଷମକଟକ ଦେଇ ବ୍ରହ୍ମପୁର ଠାରୁ କଟକ ପର୍ଯ୍ୟନ୍ତ ଯାତ୍ରା କରୁଛି। ଉକ୍ତ ଘରୋଇ ବସ ସେବା ମିଳିଥିବାରୁ ଅଞ୍ଚଳବାସୀ ଖୁସି ପ୍ରକଟ କରିଛନ୍ତି। ଉକ୍ତ ବସ କଲ୍ୟାଣସିଂହପୁର ଠାରୁ ଅପରାହ୍ନ ୪ରେ ବାହାରି କଟକରେ ସକାଳ ୬ଟା ୩୦ ମିନିଟ୍‌ରେ ପହଞ୍ଚିବ। କଟକ ଠାରୁ ରାତ୍ରି ୭ଘ.୩୦ମିନିଟରେ ବାହାରି କଲ୍ୟାଣସିଂହପୁରରେ ସକାଳ ପ୍ରାୟ ୯ ଘଣ୍ଟାରେ ପହଞ୍ଚିବ ବୋଲି ସୂଚନା ମିଳିଛି।

## ଦୁର୍ଘଟଣାରେ ଅଚିହ୍ନା ଯୁବକ ମୃତ

ମାଲକାନଗିରି, ୧୨।୧୨(ସମିସ): ମାଲକାନଗିରି ସଦର ସାମ୍ବାବୟାଗୁଡା ସ୍ଥିତ ଜୟପାଲ ପେଟ୍ରୋଲ ପମ୍ପ ନିକଟ ୩୨୬ନଂ ଜାତୀୟ ରାଜପଥରେ ଶୁକ୍ରବାର ସନ୍ଧ୍ୟା ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୋଟର ସାଇକେଲ ଚାଳକ ଜଣକ ଦ୍ରୁତ ଗତିରେ ବିପରୀତ ଦିଗରୁ ଆସି ପିକ୍‌ଅପ ଗାଡିକୁ ଧକ୍କା ଦେଇଥିଲେ।ଘଟଣାସ୍ଥଳରେ ମୋଟର ସାଇକେଲ ଚାଳକଙ୍କର ମୃତ୍ୟୁ ହୋଇଥିଲା। ମୋଟରସାଇକେଲନମ୍ବରଓଡି୩୦ସି୮୩୬୮ । ଏହି ଦୁର୍ଘଟଣା ଖବର ପାଇ ମାଲକାନଗିରି ଆଦର୍ଶ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ବ୍ୟକ୍ତିଙ୍କ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଜାରି ରଖିଛି।

■ ଖୋଲୁନି ମଣ୍ଡି

## ଧାନର ଅଭାବୀ ବିକ୍ରି, ଦଲାଲ ମାଲାମାଲ

### ନିରବ ଦ୍ରଷ୍ଟା ସାଜିଛି ପ୍ରଶାସନ

ମାଥିଲି,୧୨।୧୨(ସମିସ): ଧାନ ଅମଳ ହେଲାଣି, କେବେ ମଣ୍ଡି ଖୋଲିବ ତାହାର କୌଣସି ଉତ୍ତର ମିଳୁନି। କରଜ ଶୁଝିବା ପାଇଁ ଚାଷୀ ମାନେ ବାଧ ହୋଇ ଅମଳ କରିଥିବା ଧାନକୁ ଶାଗମାଛ ଦରରେ ଦଲାଲଙ୍କୁ ବିକ୍ରି କରିବା ପାଇଁ ବାଧ ହେଉଛନ୍ତି। ଏପରି ଚିତ୍ର ଦେଖିବାକୁ ମିଳିଛି ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକର ୨୦ ପଞ୍ଚାୟତରେ। ନିରୀହ ଆଦିବାସୀ ଚାଷୀ ମାନେ ବର୍ଷା ସମୟରେ ଧାନ ରୋଇବା ସମୟରେ ମହାଜମ ମାନଙ୍କ ପାଖରୁ ସୁଧକୁ ଟଙ୍କା ଆଣି ଧାନ ଚାଷ କରିଥିଲେ। ଭାବିଥିଲେ ଧାନ ଅମଳ ହେବ, ତାହାକୁ ମଣ୍ଡିରେ ବିକ୍ରି କରି ମହାଜନ ମାନଙ୍କ ଟଙ୍କା ଶୁଝିବେ। କିନ୍ତୁ ମହାଜମ ମାନେ ଚାଷୀ ମାନଙ୍କୁ ଟଙ୍କା ପାଇଁ ଚାପ ପକାଉ ଥିବା ବେଳେ ଦାଉ ସାଜିଛି ପ୍ରଶାସନ। ଯେମିତି ବୋଝ ଉପରେ ଲଳିତା ବିଡା ପରି ସଦୃଶ୍ୟ। ଏହାର ସୁଯୋଗ ନେଇ ଦଲାଲ ମାନେ ଗ୍ରାମାଞ୍ଚଳରେ ସକ୍ରିୟ ହୋଇ ଚାଷୀ ମାନଙ୍କଠାରୁ ଫାଇଦା ଉଠାଇବାରେ ଲାଗିଛନ୍ତି। ଜିଲ୍ଲାରେ ଧାନ ମଣ୍ଡି ଖୋଲି ନାହିଁ। ମିଲର ମାନେ ଚାଷୀ ମାନଙ୍କ ଠାରୁ ମାତ୍ର ୧୭ ଟଙ୍କାରେ ଧାନ କିଣିବା ଆରମ୍ଭ କରି କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ଗଚ୍ଛିତ କରି ସାରିଲେଣି । ପ୍ରଶାସନ ପକ୍ଷରୁ ମଣ୍ଡି ଖୋଲିବା ବିଳମ୍ବ ହେଉଛି, ତାହା ସହିତ ଏହାକୁ ରୋକ ଲଗାଇବା ପାଇଁ ପ୍ରଶାସନ ନିରବ ଦ୍ରଷ୍ଟା ସାଜିଛି। ଏ ବିଷୟରେ ଜାଣିବା ମାଥିଲି ଯୋଗାଣ ଅଧିକାରୀ ବିଶ୍ୱଜିତ ଦାସଙ୍କ ମତାମତ ନେବା ପାଇଁ କାର୍ଯ୍ୟାଳୟକୁ ବାରମ୍ବାର ଯିବା ବେଳେ ସେ ଅନୁପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ଯେହେତୁ ଅନେକ ସମୟ ଧରି ଯୋଗାଣ ଅଧିକାରୀ କାର୍ଯ୍ୟାଳୟକୁ ଆସୁ ନାହାନ୍ତି, ଏହାର ସୁଯୋଗ ନେଇ ଗ୍ରାମାଞ୍ଚଳରେ ଧାନ ଦଲାଲ ମାନେ ସକ୍ରିୟ ହୋଇ ସାଗମାଛ ଦରରେ ଧାନ କିଣି ପଡ଼ୋଶୀ ଛତିଶଗଡ଼ ରାଜ୍ୟକୁ ରାତିରେ ମହୁପଦର ଦେଇ ଚାଲାଣ କରୁଥିବା ଅଭିଯୋଗ ହୋଇଛି। ଏହାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁରୁତର ସହ ନେଇ ତୁରନ୍ତ ମଣ୍ଡି ଖୋଲିବା ସହ ଦଲାଲ ମାନଙ୍କୁ ସାବାଡ଼ କରିବା ପାଇଁ ସାଧାରଣରେ ଦାବି ଜୋର ଧରିଛି।

## ରାୟଗଡ଼ା ବ୍ଲକ୍‌ସ୍ତରୀୟ ‘ଚଇତି’କୁ ଲୋକ ପ୍ରତିନିଧିଙ୍କ ପ୍ରତ୍ୟାଖାନ

## ବ୍ଲକ୍ ଅଧକ୍ଷା, ସରପଞ୍ଚ ଓ ସମିତି ସଭ୍ୟ ଅନୁପସ୍ଥିତ

ରାୟଗଡ଼ା, ୧୨।୧୨(ସମିସ): ରାୟଗଡ଼ା ଜିଲ୍ଲାର କଳା, ସଂସ୍କୃତି, ପରମ୍ପରା ଓ ସାହିତ୍ୟର ଗଣପର୍ବ ଚଇତି -୨୦୨୫ ପାଳନ ନିମନ୍ତେ ଚଳିତ ଡିସେମ୍ବର ମାସ ୨ତାରିଖରୁ ବ୍ଲକ୍‌ସ୍ତରୀୟ ଚଇତି ମହୋତ୍ସବ କାର୍ଯ୍ୟକ୍ରମ ଆୟୋଜିତ ହୋଇଆସୁଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଦିନ ରାୟଗଡା ବ୍ଲକ୍‌ସ୍ତରୀୟ ଚଇତି -୨୦୨୫ କାର୍ଯ୍ୟକ୍ରମ ହାଲୁଆ ଗ୍ରାମପଞ୍ଚାୟତ ଅନ୍ତର୍ଗତ ସ୍ଥାନୀୟ ବାରିଖୋଲା ଗ୍ରାମରେ ଶ୍ରୀ ହନୁମାନ ମନ୍ଦିର ନିକଟସ୍ଥ ଚଇତି ପଡିଆ ଠାରେ ପାଳିତ ହୋଇଯାଇଛି। ତେବେ ଚଳିତ ବର୍ଷ ଚଇତିରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ଆବାହକ ପଞ୍ଚାୟତ ସମିତି, ରାୟଗଡ଼ା ସୁଜିତ କୁମାର ମିଶ୍ର ବ୍ଲକର ୨୮ ଗୋଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟସଭ୍ୟା, ପଞ୍ଚାୟତ ସମିତି ଅଧକ୍ଷା ଟୁନି ହୁଇକା, ଉପାଧକ୍ଷ ହରପ୍ରସାଦ ହେପୃକା, ବ୍ଲକ୍‌ର ତିନୋଟି ଯାକ ଜିଲ୍ଲା ପରିଷଦ ଜୋନର ସଭ୍ୟସଭ୍ୟା ପ୍ରଶାନ୍ତ କୁଲେସିକା, ପଦ୍ମିନୀ ମାଣ୍ଡାଙ୍ଗି ଓ ସନ୍ଧ୍ୟାରାଣୀ ପୁଲାକାଙ୍କୁ ଅଣଦେଖା କରି ଚଇତି ପାଳନ କରୁଥିବାରୁ ବିଡିଓଙ୍କ ଏଭଳି ମନମୁଖୀ କାର୍ଯ୍ୟକଳାପକୁ ନିନ୍ଦା କରି ତଥା ନିଜ ସ୍ୱାଭିମାନ, ମର୍ଯ୍ୟାଦା କ୍ଷୁର୍ଣ୍ଣ ହେଉଥିବା ମନେ କରି ଉକ୍ତ ଜନ ପ୍ରତିନିଧିମାନେ ଚଇତି କାର୍ଯ୍ୟକ୍ରମକୁ ପ୍ରତ୍ୟାଖାନ କରିଥିବା ଅଭିଯୋଗ ଶୁଣିବାକୁ ମିଳୁଛି। ଫଳରେ ରାୟଗଡ଼ା ବ୍ଲକ୍ ସ୍ତରୀୟ ଚଇତି ଫିକା ପଡିଥିବା ବେଳେ ନିଜ ଲୋକ ପ୍ରତିନିଧିଙ୍କୁ କାର୍ଯ୍ୟକ୍ରମରେ ନ ପାଇ ଅନେକ ପଞ୍ଚାୟତବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅପରପକ୍ଷେ ରାୟଗଡ଼ା ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଜିତ୍ କୁମାର ମିଶ୍ରଙ୍କୁ ଚଇତି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତିର ନିର୍ବାଚିତ ଲୋକ ପ୍ରତିନିଧିଙ୍କ ଅନୁପସ୍ଥିତି ସଂପର୍କରେ ପ୍ରତିକ୍ରିୟା ନେବାରୁ ସେମାନଙ୍କୁ ବ୍ୟକ୍ତିଗତ ଭାବେ ନିମନ୍ତ୍ରଣ କରିବା ସହ ସହଯୋଗ ଲୋଡା ଯାଇଥିଲା। ତେବେ କେଉଁ କାରଣରୁ ସେମାନେ ଯୋଗ ଦେଇନାହାନ୍ତି ଏବଂ କେଉଁ କାରଣ ପାଇଁ ଆସିନାହାନ୍ତି ତାହା ସେ କହିପାରିବେ ନାହିଁ ବୋଲି କହିବା ସହ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧକ୍ଷାଙ୍କ ସମେତ ଅନେକ ବଡ ବଡ ନେତା ଯୋଗ ଦେଇଥିଲେ ବୋଲି କହିଛନ୍ତି। ତେବେ ଏ ନେଇ ବ୍ଲକ୍ ଉପାଧକ୍ଷ ହରପ୍ରସାଦ ହେପୃକା ନିଜ ପ୍ରତିକ୍ରିୟାରେ ବିଡିଓ ନିର୍ବାଚିତ ଜନ ପ୍ରତିନିଧିଙ୍କୁ ସଂପୂର୍ଣ୍ଣ ଭାବେ ଅଣଦେଖା କରି ବ୍ଲକ ପ୍ରଶାସନିକ ଅଧିକାରୀ ଓ ଦଳୀୟ କାର୍ଯ୍ୟକର୍ତାଙ୍କୁ ନେଇ ‘ଚଇତି’ ପାଳନ କରିଛନ୍ତି। ଏଥିସହ ବିଡିଓ ବ୍ଲକ୍ ଚଇତି କମିଟିରେ ନିଜ ଇଚ୍ଛା ମୁତାବକ କାମ କଲେ ଏବଂ ବ୍ଲକ୍ ଅଧକ୍ଷାଙ୍କୁ କୌଣସି କାମରେ ସଂପୃକ୍ତ ନ କରି ନିଜ ମନମୁଖୀ ଭାବରେ ଏକତରଫା କାମ କରାଇଛନ୍ତି। ‘ଚଇତି’ ବୈଠକରେ ବିଡିଓ ସିଧାସଳଖ ପିଆରଆଇ ମେମ୍ବରମାନେ ଆସନ୍ତୁ କିମ୍ବା ନ ଆସନ୍ତୁ ଆମେ ଚଇତି ପାଳନ କରିବୁ ,ଏହା ସରକାରଙ୍କ ତଥା ପ୍ରଶାସନର ଚଇତି ବୋଲି କହିଥିବା ଶ୍ରୀ ହେପୃକା କହିଛନ୍ତି। ତେଣୁ ଜନ ପ୍ରତିନିଧିମାନଙ୍କ ସ୍ୱାଭିମାନର କଥା ଉଠିଛି ଏବଂ ଯେଉଁ ସ୍ଥାନରେ ଲୋକ ପ୍ରତିନିଧିଙ୍କୁ ସମ୍ମାନ ନାହିଁ ସେଠାକୁ ଯାଇ ନିଜ ମର୍ଯ୍ୟାଦା କ୍ଷୁର୍ଣ୍ଣ କରିବା ଆବଶ୍ୟକ ନାହିଁ ତେଣୁ ଆଜି ପଞ୍ଚାୟତ ସମିତିର ପ୍ରାୟ ୨୫ ଜଣ ସରପଞ୍ଚ, ସମିତି ସଭ୍ୟସଭ୍ୟା, ଜିଲ୍ଲା ପରିଷଦ ସଭ୍ୟସଭ୍ୟା, ବ୍ଲକ ଅଧକ୍ଷ ଓ ସେ ନିଜେ ଯୋଗ ଦେଇନାହାନ୍ତି କହିଛନ୍ତି। ଅନ୍ୟ ବ୍ଲକ ଗୁଡିକର ବ୍ଲକ୍‌ସ୍ତରୀୟ ଚଇତିରେ ସମସ୍ତ ନିର୍ବାଚିତ ଲୋକ ପ୍ରତିନିଧିଙ୍କୁ ସାମ୍ମନ ଦିଆଯାଉଥିବା ବେଳେ ରାୟଗଡାରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ତେଣୁ ଯଦି ଆଗାମୀ ଦିନରେ ବିଡିଓଙ୍କ ଏଭଳି ମନୋଭାବ ଜନ ପ୍ରତିନିଧିଙ୍କ ଉପରେ ରୁହେ, ତେବେ ଗଣତାନ୍ତ୍ରିକ ପଦ୍ଧତିରେ ଏହାର ଜବାବ ଦିଆଯିବ ବୋଲି ଶ୍ରୀ ହେପୃକା ପ୍ରକାଶ କରିଛନ୍ତି।

# ଦୁର୍ଘଟଣାରେ ସାମ୍ବାଦିକଙ୍କ ପରଲୋକ



ଜୟପୁର,୧୨।୧୨(ସମିସ): କୋରାପୁଟ ଜିଲ୍ଲା ଜୟପୁରର ସାମ୍ବାଦିକ, ସାହିତ୍ୟିକ, କ୍ରୀଡାବିତ୍ ଏବଂ ଉଦ୍‌ଘୋଷକ ଅଶୋକ କୁମାର ପଲେଇ(୫୦) ଙ୍କର ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ସଦର ଗ୍ରାମ ଜୟପୁର କେନ୍ଦ୍ର ନିକଟରେ ସଡ଼କ ଦୁର୍ଘଟଣାରେ ଅକାଳ ବିୟୋଗ ହୋଇଛି। ସାମ୍ବାଦିକ ସ୍ୱର୍ଗତ ପଲେଇ ଅପରାହ୍ନ ୪ଟା ସମୟରେ ନିଜ ବାଇକ୍ ଯୋଗେ ତାଙ୍କ ଶଶୁର ଘର ନବରଙ୍ଗପୁର ଜିଲ୍ଲା ଧୋଡ୍ରା ଗ୍ରାମକୁ ଜଣେ ସମ୍ପର୍କୀୟଙ୍କ ଦଶାହ କାର୍ଯ୍ୟରେ ଯୋଗଦେବା ପାଇଁ ଯାଉଥିଲେ। ପ୍ରାୟ ସଂଧ୍ୟା ସାଢେ ୬ଟା ସମୟରେ ରାସ୍ତା ପାଶ୍ୱର୍ରେ ସେ ପଡିଥିବା ବେଳେ ସ୍ଥାନୀୟ କିଛି ଲୋକ ତାଙ୍କୁ ଉଠାଇ ପ୍ରଥମେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରୁ ତାଙ୍କୁ ନବରଙ୍ଗପୁର ଜିଲ୍ଲା ଚିକିତ୍ସାଳ ଏବଂ ପରେ ଜୟପୁରସ୍ଥିତ ଏକ ଘରୋଇ ଚିକିତ୍ସାଳୟକୁ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଅପରାହ୍ନ ସାଢେ ୪ଟା ସମୟରେ ପୁରୁଣାଗଡସ୍ଥିତ ଶ୍ମଶାନରେ ତାଙ୍କର ପୁଅ ୧୦ ଶ୍ରେଣୀର ଛାତ୍ର ଆଦିତ୍ୟ ପଲେଇ ମୁଖାଗ୍ନି ଦେଇ ଶବଦାହ କରିଥିଲେ। ଏହିପରି ପରିବାରରେ ପତ୍ନୀ କନକ ମଞ୍ଜରୀ ପଲେଇ, ମା' ବଡ ଭାଇ ଏବଂ ପରିବାର ଅନ୍ୟାନ୍ୟ ସଦସ୍ୟଙ୍କ ସମେତ ସହରର ଅନେକ ସାମ୍ବାଦିକ, ସାହିତ୍ୟିକ, କବି, ସମାଜସେବୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ ସ୍ୱେଚ୍ଛାସେବୀ ବାହିନୀର ଶୀତକାଳୀନ ଶିବିର




କୁନ୍ଦୁରା, ୧୨।୧୨(ସମିସ): ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଜାତୀୟ ସ୍ୱେଚ୍ଛେସେବୀ ବାହିନୀର ଶୀତକାଳିନ ଶିବିର କାଉଁଦିଆଗୁଡାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଧିବେଶନରେ କଲେଜ ଅଧ୍ୟକ୍ଷା ରୀତାରାଣୀ କରଣ ସଭାପତିତ୍ୱ କରିଥିଲେ। ଏହି ଶିବିରରେ ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟ ଅତିଥିଭାବେ ସରପଞ୍ଚ ଲବ ପରଜା, ସମିତି ସଭ୍ୟ ଦାମୋଦର ଗଣ୍ଡା, ବ୍ଲକ ଉପାଧ୍ୟକ୍ଷ ତରୁଣୀସେନ ବିଶୋଇ ମଞ୍ଚାସୀନ ଥଲେ। ଏନଏସଏସରେ କିଭଳି ସେବା ମନୋଭାବ ରଖିବ, ଶୃଙ୍ଖଳା ବଜାୟ ରଖିବା ଓ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନା କରିବା ସମ୍ବନ୍ଧରେ ବୁଝାଇଥିଲେ। ଜିଲ୍ଲା କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ବେହେରା ଏ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୁର୍ଗମାଧବ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# କବିତା ସଂକଳନ ପୁସ୍ତକ 'ଅମୃତ ବିନ୍ଦୁ' ଲୋକାର୍ପିତ



ଜୟପୁର,୧୨।୧୨(ସମିସ) : ଜୟପୁର ବାଇପାସ୍ ରୋଡସ୍ଥିତ ବରିଷ୍ଠ ନାଗରିକ କଲ୍ୟାଣ ସମିତ ଠାରେ ବିଶିଷ୍ଟ ହାଇକୁ କବି କୈଳାଶ ହୋତାଙ୍କ ହାଇକୁ ସଙ୍କଳନ କବିତା ପୁସ୍ତକ 'ଅମୃତ ବିନ୍ଦୁ' ଲୋକାର୍ପିତ ହୋଇଛି। ତ୍ରିସଖା ସାହିତ୍ୟ ସଂସଦ ଦ୍ୱାରା ଅନୁଷ୍ଠିତ ସାରସ୍ୱତ ସଭାରେ ମୁଖ୍ୟ ଅତିଥି ଭାବେ ନାଗରିକ କଲ୍ୟାଣ ସମିତି ସଭାପତି କିଶୋର ଚନ୍ଦ୍ର ହୋତା, ମୁଖ୍ୟବକ୍ତା ଭାବେ ହରିହର କରସୁଧା ପଟ୍ଟନାୟକ, ସମ୍ପାଦକ କୃଷ୍ଣଚନ୍ଦ୍ର ହୋତା, ପ୍ରକାଶକ ପ୍ରକାଶ ମହାନନ୍ଦିଆ, ଲେଖକ କୈଳାଶ ହୋତା ମଞ୍ଚାସୀନ ରହି ଉକ୍ତ ପୁସ୍ତକକୁ ଲୋକାର୍ପିତ କରିଥିଲେ। ହାଇକୁ ଶୈଳୀରେ କବିତା ରଚନା ଓ ସୃଷ୍ଟି ଉପରେ ବିଶେଷ ଭାବରେ ଆଲୋଚନା ଓ ପୁସ୍ତକର ପଠନ ସହିତ ସମୀକ୍ଷା କରାଯାଇଥିଲା। ଏଥିରେ ବରିଷ୍ଠ ନାଗରିକ ପ୍ରମୋଦ ପଣ୍ଡା, ଶିବ ଶଙ୍କର ସିଂ, ନାରାୟଣ ପାତ୍ର, ଠାକୁର ପ୍ରସାଦ, ଖଲି ପଟ୍ଟନାୟକ ଏବଂ ସହିତ୍ୟିକ ଜାନକୀ ପାଣଗ୍ରାହୀ, ଚନ୍ଦ୍ରମଣି ବାରିକ, ଡ. ସୁଧାଂଶୁ ଶେଖର ପଟ୍ଟନାୟକ, ଭାବଚନ୍ଦ୍ରିକା ଦେବି, ଘାସିରାମ ମହାପାତ୍ର, ଆଲୋକ ମହାରଣା, ସୁରେଶ ହୋତା, ସୁବାସ ଚନ୍ଦ୍ର ହୋତା, ନିଲେନ୍ଦ୍ରି ହୋତା, ସୁନନ୍ଦା ହୋତା, ମଦନ ମୋହନ ନାୟକ ଓ ଆଲୋକ ହୋତା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଡ.ଦେବୀ ପ୍ରସାଦ ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

# ସରକାରୀ ଡିଏଭି ମହାବିଦ୍ୟାଳୟରେ ଯୋଗ ଶିବିର




କୋରାପୁଟ,୧୨।୧୨(ସମିସ): ସ୍ଥାନୀୟ ସରକାରୀ ଡିଏଭି ମହାବିଦ୍ୟାଳୟ ଅନ୍ତର୍ଗତ ଶକ୍ତିଶ୍ରୀ ସଶକ୍ତିକରଣ ସଂଗୋଷ୍ଠୀ ଦ୍ୱାରା ନିୟମିତ ଯୋଗ ଶିକ୍ଷା ଶିବିର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଦୀପକ କୁମାର ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଶକ୍ତିଶ୍ରୀ ସଂଯୋଜିକା ଡ. ଶୁଭଦର୍ଶିନୀ ପ୍ରଧାନ, ଶକ୍ତିଶ୍ରୀ ସାଥୀ ସୁଶ୍ରୀ ସ୍ୱାଗତିକା ନାୟକଙ୍କ ସମେତ ମହାବିଦ୍ୟାଳୟର ସବୁ ବିଭାଗର ମହିଳା ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ - ଅଧ୍ୟାପିକାଙ୍କ ସମେତ ଶତାଧିକ ଛାତ୍ରୀ ଯୋଗଦେଇ ଯୋଗ ଶିକ୍ଷା ଗ୍ରହଣ କରିଥିଲେ। ମହାବିଦ୍ୟାଳୟର ଶକ୍ତିଶ୍ରୀ ସଂଗୋଷ୍ଠୀ ଦ୍ୱାରା ଆରମ୍ଭ ହୋଇଥିବା ଏହି ଯୋଗଶିକ୍ଷା କାର୍ଯ୍ୟକ୍ରମ ଆଗାମୀ ସବୁ ସପ୍ତାହରେ କରାଯିବ ବୋଲି ଅଧ୍ୟକ୍ଷ ତଥା ସଂଯୋଜିକା ସୂଚନା ପ୍ରଦାନ କରିଥିଲେ।

## ଅଧା ଗୁଣୁପୁର ସହର ଅନ୍ଧାରରେ

# ଯାତାୟାତ ବାଧାପ୍ରାପ୍ତ, ଜନଜୀବନ ଅସୁରକ୍ଷିତ

ଗୁଣୁପୁର,୧୨।୧୨(ସମିସ):



ଗୁଣୁପୁର ସହରର ଅଧା ଭାଗ ଅନ୍ଧାରରେ ରହିଛି। ଫଳରେ ଯାତ୍ରୀ ଓ ପଥଚାରୀମାନେ ଅସୁରକ୍ଷିତ ମନେ କରୁଛନ୍ତି। ଗୁଣୁପୁର ସହରର ବାଇପାସ୍ ରାସ୍ତା ନିର୍ମାଣ ଏବଂ ନୂତନ ବସଷ୍ଟାଣ୍ଡରେ ନୂତନ ଦୋକାନ ଗୃହ ନିର୍ମାଣ ସକାଶେ ୩ ବର୍ଷ ପୂର୍ବେ ରାସ୍ତା କଡରେ ଥିବା ବିରାଟ ବିରାଟ ଗଛ ଗୁଡିକୁ କାଟି ଦିଆଯିବା ସହ ବିଦ୍ୟୁତ୍ ଖୁଣ୍ଟ ଗୁଡିକୁ ବାହାର କରି ଦିଆଯାଇଥିଲା। ଏହି ରାସ୍ତା ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଏହି ରାସ୍ତା ନିର୍ମାଣ ପାଇଁ ଏକ ବର୍ଷ ସମୟ ସୀମା ରହିଥିବା ବେଳେ ପୂର୍ତ୍ତବିଭାଗ ଓ ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଏବଂ ଖାମଖିଆଲି ମନୋଭାବ ଯୋଗୁଁ ଦୀର୍ଘ ୩ ବର୍ଷ ବିତିଯାଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚି ପାରୁନାହିଁ। ଫଳରେ ପ୍ରତିଦିନ ଦୁର୍ଘଟଣା ଘଟିବା ସହ ଯାନବାହାନ ଚଳାଚଳରେ ବାଧା ସୃଷ୍ଟି ହେଉଛି। ଏହି ରାସ୍ତାରେ ଅତ୍ୟଧିକ ଧୂଳି ଉଡୁଥିବା ଯୋଗୁଁ ସାଧାରଣ ଲୋକେ ତଥା ପଥଚାରୀ ଏବଂ ମଟର ସାଇକଲ୍ ଚାଳକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଦେଇ ପ୍ରତିଦିନ ଏବଂ ବାରମ୍ବାର ଯାତାୟାତ କରୁଥିବା ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା କହିଛନ୍ତି। ବାଇପାସ୍ ଛକ ଠାରୁ ବିକ୍ରମପୁର ପର୍ଯ୍ୟନ୍ତ ରାସ୍ତାରେ ଆଲୋକୀକରଣ ନଥିବା ଯୋଗୁଁ ସନ୍ଧ୍ୟା ହେଲେ ଯାନବାହାନର ଲାଇଟ୍ ଓ ଦୋକାନ ଗୁଡିକର ଲାଇଟ୍ ଭରସାରେ ଲୋକେ ଯାତାୟାତ କରୁଛନ୍ତି। ତେଣୁ ଲୋକେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ବାଇପାସ୍ ଛକ ଠାରୁ ବିକ୍ରମପୁର ପର୍ଯ୍ୟନ୍ତ ପ୍ରାୟ ୪ କିଲୋ ମିଟର ରାସ୍ତା ମଧ୍ୟରେ ଗୋଟିଏ ବି ବୃକ୍ଷ ନଥିବା ଯୋଗୁଁ ଖରା ସମୟରେ ପଥଚାରୀ ମାନେ ଟିକିଏ ବିଶ୍ରାମ ନେବା ପାଇଁ ଜାଗାଟିଏ ପାଇପାରୁ ନାହାନ୍ତି। ତେଣୁ ବିଭିନ୍ନ ସ୍ଥାନରେ ଯାତ୍ରୀ ବିଶ୍ରାମ ଗୃହ ନିର୍ମାଣ କରିବା ପାଇଁ ଦାବି ହେଉଛି। ଏହି ରାସ୍ତା ନିର୍ମାଣ ଅତିଶୀଘ୍ର ଶେଷ କରିବା ଦିଗରେ ପ୍ରଶାସନ ପକ୍ଷରୁ କଡ଼ା ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହେଉଛି। ଏବେଠାରୁ ଯୋଜନା କରାଯାଇ ରାସ୍ତା କଡ଼ରେ ବୃକ୍ଷରୋପଣ ଏବଂ ନୂତନ

**➤ କେବେ ସରିବ ନୂଆ ବସ୍‌ଷ୍ଟାଣ୍ଡ ଓ ବାଇପାସ୍ ରାସ୍ତା ନିର୍ମାଣ ?**
**➤ କେବେ ହେବ ଆଲୋକୀକରଣ ଓ ବୃକ୍ଷ ରୋପଣ ?**

ବିଦ୍ୟୁତ୍ ଖୁଣ୍ଟ ପୋତାଯାଇ ଆଲୋକୀକରଣ କରାଗଲେ ଗୁଣୁପୁରବାସୀ ଉପକୃତ ହୋଇ ପାରିବେ ବୋଲି ମତପ୍ରକାଶ ପାଇଛି। ଗତ ବର୍ଷକ ପୂର୍ବେ ନୂତନ ବସ୍‌ଷ୍ଟାଣ୍ଡ ପରିସରରେ ପୌର ପରିଷଦ ପକ୍ଷରୁ ନୂତନ ଦୋକାନ ଗୃହ ନିର୍ମାଣ କରିବା ଲକ୍ଷ୍ୟରେ ବସ୍‌ଷ୍ଟାଣ୍ଡ ପରିସରରେ ଥିବା ସମସ୍ତ ବୃକ୍ଷ କାଟିଦିଆଗଲା ଏବଂ ବିଦ୍ୟୁତ ଖୁଣ୍ଟ ଗୁଡିକରୁ ଲାଇଟ୍ ବାହାର କରିଦିଆଗଲା। ପୌର ପରିଷଦ ପକ୍ଷରୁ ବେଆଇନ ଭାବେ ନୂତନ ଦୋକାନ ଗୃହ ନିର୍ମାଣ ପାଇଁ ପଦେକ୍ଷପ ନିଆ ଯାଇଥିବା ଦର୍ଶାଇ ନୂତନ ବସଷ୍ଟାଣ୍ଡ ଦୋକାନ ମାଲିକ ମାନେ ଉଚ୍ଚ ନ୍ୟାୟାଳୟ ଦ୍ୱାରସ୍ଥ ହୋଇ ରହିତା ଦେଶ ଆଣିଛନ୍ତି। ଫଳରେ ଏହି କାର୍ଯ୍ୟ ମଧ୍ୟ ଅଟକି ରହିଲା। ନୂତନ ବସଷ୍ଟାଣ୍ଡ ଭଳି ଏକ ଗୁରୁତ୍ୱ ପୂର୍ଣ୍ଣ ସ୍ଥାନରେ ଆଲୋକୀକରଣ ନଥିବା ଯୋଗୁଁ ଯାତ୍ରୀ ମାନେ ରାତ୍ର ସମୟରେ ଅସୁରକ୍ଷିତ ଭାବେ ବସ୍‌ଷ୍ଟାଣ୍ଡକୁ ଯିବା ପାଇଁ ବାଧ ହେଉଛନ୍ତି। ସନ୍ଧ୍ୟା ହେଲେ ନୂତନ ବସଷ୍ଟାଣ୍ଡରେ ମଦ୍ୟପାନ କରିବା ପାଇଁ ମଦ୍ୟପ ମାନେ ଆଡ୍ଡା ଜମାଉଥିବା ଦେଖିବାକୁ ମିଳୁଛି। ଏଭଳି ପରିସ୍ଥିତି ଯୋଗୁଁ ପୌରପରିଷଦ ପକ୍ଷରୁ ନୂତନ ବସଷ୍ଟାଣ୍ଡ ପରିସରରେ ଅସ୍ଥାୟୀ ଭାବେ ଆଲୋକୀକରଣ କରାଯିବା ପାଇଁ ସାଧାରଣରେ ଦାବି ହେଉଛି। ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ଅଗଷ୍ଟ ୩୦ ତାରିଖ ଦିନ ରାୟଗଡା ଜିଲ୍ଲାପାଳ ଏବଂ ଗୁଣୁପୁର ଉପଜିଲ୍ଲାପାଳ ପୂର୍ତ୍ତବିଭାଗ ଓ ବିଦ୍ୟୁତ୍ ବିଭାଗକୁ ଅତି ଶୀଘ୍ର ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ତାଗିଦ୍ କରିଥିଲେ। ଏହାପରେ ୯୦ ପ୍ରତିଶତ ବିଦ୍ୟୁତ୍ ଖୁଣ୍ଟ ଗୁଡିକୁ ବାହାର କରାଯାଇଥିଲେ ମଧ୍ୟ ଆଉ ୧୦ ପ୍ରତିଶତ ବିଦ୍ୟୁତ ଖୁଣ୍ଟ ରାସ୍ତା କଡ଼ରେ ରହିଛି। କିନ୍ତୁ ସେହି ଅନୁପାତରେ ରାସ୍ତା ନିର୍ମାଣ କାର୍ଯ୍ୟ ହୋଇପାରି ନାହିଁ।

# ଜିଲ୍ଲା ଯୁବ ରେଡକ୍ରସର ଶିବିର ଉଦ୍‌ଯାପିତ




ନବରଙ୍ଗପୁର, ୧୨।୧୨ (ସମିସ): ନବରଙ୍ଗପୁର ଜିଲ୍ଲାର ସରକାରୀ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ଠାରେ ଭାରତୀୟ ରେଡକ୍ରସ୍ ସୋସାଇଟି ଓଡ଼ିଶା ରାଜ୍ୟ ଶାଖା ଆନୁକୁଲ୍ୟରେ ନବରଙ୍ଗପୁର ଜିଲ୍ଲା ସ୍ତରୀୟ ଯୁବ ରେଡକ୍ରସର ତିନି ଦିନିଆ ଶିକ୍ଷା ଓ ତାଲିମ ଶିବିର ଉଦଯାପିତ ହୋଇଯାଇଛି। ଏହି ଉଦଯାପନୀ ଦିବସରେ ନବରଙ୍ଗପୁର ଜିଲ୍ଲାର ବିଶିଷ୍ଟ ସମାଜସେବୀ ଜଗନ୍ନାଥ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରେଡକ୍ରସ ଭଳି ଅର୍ନ୍ତଜାତୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଏହି ତିନି ଦିନିଆ ତାଲିମ୍ କାର୍ଯ୍ୟକ୍ରମରେ ରେଡକ୍ରସ କିଭଳି ନିରନ୍ତର ସେବା କାର୍ଯ୍ୟ କରି ଜରୁରୀ ସମୟରେ ମାନବିକ ସେବା ଓ ସହଯୋଗର ହାତ ବଢ଼ାଇ ଆସୁଅଛି ସେ ସଂପର୍କରେ କହିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବରେ ନବରଙ୍ଗପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ଡି ଗୋବିନ୍ଦା ରାଓ, କୋରାପୁଟ ଜିଲ୍ଲା ଯୁବ ରେଡକ୍ରସ ସଂଯୋଜକ ଡ. ନରେଶ ଚନ୍ଦ୍ର ସାହୁ ,ନବରଙ୍ଗପୁରର ଜିଲ୍ଲା ଆବାହକ ତଥା ଅଧ୍ୟାପକ ଦିଲୀପ କୁମାର ହୋତା, ଜିଲ୍ଲା ସଂଯୋଜକ ତଥା ଅଧ୍ୟାପକ ଅଖିଳ କୁମାର ଭଟ୍ଟ, ଅଧ୍ୟାପିକା ଡ. ସଂଯୁକ୍ତା ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅଧ୍ୟକ୍ଷ ବିନୋଦ ବିହାରୀ ବେହେରା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଅନୁଷ୍ଠାନର କାଉନସିଲର ଡ ସଂଯୁକ୍ତା ନାୟକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଓ ସମସ୍ତ ସ୍ୱେଚ୍ଛାସେବୀଙ୍କୁ ଅତିଥି ମାନେ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଥମ ଅଧିବେଶନରେ ରକ୍ତଦାନ ସମ୍ପର୍କରେ କୋରାପୁଟ ଜିଲ୍ଲା ଯୁବ ରେଡକ୍ରସ ସଂଯୋଜକ ଡ.ନରେଶ ଚନ୍ଦ୍ର ସାହୁ ଓ ସ୍ଥାନୀୟ ପୁଲିସ ବିଭାଗର ଏସଡିପି ଓ କୃଷ୍ଣଚନ୍ଦ୍ର ଭତ୍ରା ଓ ତାଙ୍କରି ସହକର୍ମୀ ସାଇବର ସୁରକ୍ଷା ସମ୍ପର୍କରେ ସ୍ୱେଚ୍ଛାସେବୀ ମାନଙ୍କୁ ଶିକ୍ଷାଦାନ କରିଥିଲେ । ଗୋବିନ୍ଦ ରାଓ,ଉମାକାନ୍ତ ନାଗ, ଡଃ ନରେଶ ଚନ୍ଦ୍ର ସାହୁ, ଅଖିଳ କୁମାର ଭଟ୍ଟ ଓ ଜାତୀୟ ସ୍ତରର ପ୍ରଶିକ୍ଷକ ରଞ୍ଜନ ସ୍ୱାଇଁ ଯୋଗଦନ କରି ରେଡକ୍ରସ ସମ୍ପର୍କିତ ତାଲିମ ଦେଇଥିଲେ।

# ବ୍ଲକ୍‌ସ୍ତରୀୟ ଲୋକ ମହୋତ୍ସବ 'ମଣ୍ଡେଇ'




ଡାବୁଗାଁ, ୧୨।୧୨(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ ବାବା ଭୈରବ ମନ୍ଦିର ନିକଟ ପଡିଆରେ ବ୍ଲକ୍‌ସ୍ତରୀୟ ଲୋକ ମହୋତ୍ସବ ଗୁରୁବାର ପାଳିତ ହୋଇଯାଇଛି। ପୂର୍ବାହ୍ନ ୧୨ଟାରେ ଡାବୁଗାଁ ଦୁଲ୍ଲାରଦେଇ ମନ୍ଦିରରେ ପୂଜାର୍ଚ୍ଚନା ପରେ ମଶାଲକୁ ବାଜା ବଜାଇ, ବାଣ ଫୁଟାଇ ଓ ବିଭିନ୍ନ ନୃତ୍ୟ ଦଳ ନୃତ୍ୟ କରି ଏକ ବିରାଟ ଶୋଭାଯାତ୍ରାରେ ଆସି ମଣ୍ଡେଇ ମଞ୍ଚରେ ସ୍ଥାପନ କରିଥିଲେ। ଅତିଥି ମାନେ ବିଭିନ୍ନ ବିଭାଗର ଷ୍ଟଲକୁ ଉଦଘାଟନ କରିଥିଲେ । ବ୍ଲକ ଅଧ୍ୟକ୍ଷା ବୀଣା ମାଝିଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ସମ୍ମାନିତ ଅତିଥି ଭାବେ ନବରଙ୍ଗପୁର ବିଧାୟକ ଗୌରୀ ମାଝି, ଝରିଗାଁ ବିଧାୟକ ନରସିଂ ଭତ୍ରା, ଜିଲାପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ପୂର୍ବତନ ସାଂସଦ ପର୍ଶୁରାମ ମାଝି, ପୂର୍ବତନ ବିଧାୟକ ଭୁଜବଳ ମାଝି, ବ୍ଲକ ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ଜିଲାପରିଷଦ ସଭ୍ୟ ଧନସିଂ ଭତ୍ରା ଓ ଗୁପ୍ତ ବିଶୋଇ, ପାପଡାହାଣ୍ଡି ବ୍ଲକ ଅଧ୍ୟକ୍ଷା ହେମଲତା ମାଝି, କୋଷାଗୁମୁଡା ବ୍ଲକ ଅଧ୍ୟକ୍ଷା ସବେଶ୍ୱରୀ ମାଝି, ମନ୍ତ୍ରୀଙ୍କ ପ୍ରତିନିଧି ଶୁଭଜିତ ପାଣିଗ୍ରାହୀ, ରାଜ୍ୟସଭା ସାଂସଦଙ୍କ ପ୍ରତିନିଧି ରାମାରାଓ ଚୌଧୁରୀ, ସାଂସଦ ପ୍ରତିନିଧି ଜଗଦୀଶ ଭତ୍ରା, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ଭାଜପା ଡାବୁଗାଁ ମଣ୍ଡଳ ସଭାପତି ମନୋଜ କୁମାର ପାତ୍ର, ବ୍ଲକ କଂଗ୍ରେସ ସଭାପତି ଜି.ସାଇ ରାଜୁ, ଜିଲା କଳା ଓ ସଂସ୍କୃତିକ ସଂଘ ସଭାପତି କାର୍ତ୍ତିକ ଭତ୍ରା, ବିଡିଓ ଶରତ ମାଝି, ଏମ.ଆପ୍ପା ରାଓ, ବିଭିନ୍ନ ବ୍ଲକର ଅଧ୍ୟକ୍ଷା ଅଧ୍ୟକ୍ଷ, ଡାବୁଗାଁ ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟା ସଭ୍ୟ ମାନେ ମଞ୍ଚାସୀନ ଥିଲେ। ଶେଷରେ ବିଭିନ୍ନ ବିଦ୍ୟାଳୟ ଓ ପଞ୍ଚାୟତରୁ ଆସିଥିବା ନୃତ୍ୟ ଦଳଙ୍କ ଦ୍ୱାରା ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏଥିରେ ଶୁଭଶ୍ରୀ ଗନ୍ତାୟତ ଓ ଗୁପ୍ତେପ୍ରସାଦ ନାଗ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ନୃତ୍ୟ ଦଳ ଗୁଡିକୁ ପୁରସ୍କୃତ କରାଯାଇଥିଲା। ଏଥିରେ ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ସେମିଲିଗୁଡା ମହାବିଦ୍ୟାଳୟର ଏଡସ୍ ସଚେତନତା




ସେମିଲିଗୁଡା, ୧୨।୧୨ (ସମିସ): କୋରାପୁଟ ଜିଲ୍ଲାର ସେମିଲିଗୁଡା ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ୍ ୟୁନିଟ୍ ଦ୍ୱାରା ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ ଅବସରପ୍ରାପ୍ତ ଡକ୍ଟର ସାରଙ୍ଗଧର ଶତପଥି। ମୁଖ୍ୟବକ୍ତା ଭାବେ ଡକ୍ଟର ଦେବୀ ପ୍ରସାଦ ଭଦ୍ରା ଏଡସ୍ ରୋଗ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଏଡସ୍ ରୋଗର ପ୍ରତିଷେଧ, ଚିକିତ୍ସା ଓ ସାମାଜିକ ସଚେତନତା ଉପରେ ଗୁରୁତ୍ୱ ଦେଇଥିଲା। ଡକ୍ଟର ଶତପଥି ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ସମ୍ପୂର୍ଣ୍ଣ ଚିକିତ୍ସା ସୁବିଧା ଓ ସମାଜର ସହଯୋଗ ଏହି ରୋଗ ନିୟନ୍ତ୍ରଣରେ ମୁଖ୍ୟ ଭୂମିକା ଗ୍ରହଣ କରେ ବୋଲି କହିଥିଲେ। ଏହି ସଭାରେ ଅଧ୍ୟକ୍ଷା ଡକ୍ଟର ଝାନ୍ସୀ ସିଂହ ସଭାପତିତ୍ୱ କରିଥିଲେ। ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ କାଉନସିଲର ଶିବାଶିଷ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦୁଇ ଦିନ ଧରି ପ୍ରବନ୍ଧ, ବକ୍ତୃତା, ପୋଷ୍ଟର ପ୍ରଦର୍ଶନୀ ଏବଂ ପ୍ରତିଯୋଗିତା ଆୟୋଜିତ କରାଯାଇଥିଲା। ଏହି ସମାରୋହରେ ଡ଼ ଶୁଭ୍ରାଂଶୁ ସୁନ୍ଦର ଦାସ, ଦେବରାଜ ନାୟକ, ନିରଞ୍ଜନ ପୋଡ଼, ହରେକୃଷ୍ଣ ସାହୁ, ଜ୍ୟୋସ୍ନା ଦାଶ, ରୋହିଣୀ ସିରିକା, ମନିଷା ବେହେରା, ଚନ୍ଦନ ଓ ସଙ୍ଗୀତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ସମ୍ବିତ ସାହା, ବିଶ୍ୱରୂପା ନାୟକ, ଶୁଭଙ୍କର, ଶିବା ବାରିକ, ଲିମା ଖିଲୋ, ଶୀତଲ ମିଶ୍ର, ତୁଷାର ପୁରସ୍କୃତ ହୋଇଥିଲେ। ଶେଷରେ ଅର୍ଥନୀତି ବିଭାଗର ଅଧ୍ୟାପିକା ରୋନାଲୀ ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ନିର୍ମାଣାଧୀନ ରାସ୍ତା କାର୍ଯ୍ୟକୁ ନେଇ ପ୍ରଶ୍ନବାଚୀ

କଲ୍ୟାଣସିଂହପୁର, ୧୨।୧୨(ସମିସ): ରାୟଗଡ଼ା ଜିଲ୍ଲାର କଲ୍ୟାଣସିଂହପୁର ଓ କଲନରା ବ୍ଲକକୁ ସଂଯୋଗ କରୁଥିବା ଆରଡ଼ି ନିର୍ମାଣଧୀନ ରାସ୍ତାକୁ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘ ଦଶ ବର୍ଷ ପୂର୍ବେ କଲ୍ୟାଣସିଂହପୁର ବ୍ଲକର ସେରିଗୁମା ପଞ୍ଚାୟତର ବାଲାପାଇ ଠାରୁ କୋଲନରା ବ୍ଲକ ଦୁନ୍ଦୁଲି ଛକକୁ ସଂଯୋଗ କରିବା ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନାରେ ୧୦ କିମି ରାସ୍ତା ଆରଡ଼ି ବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିଲା। କିନ୍ତୁ ଦୀର୍ଘ ବର୍ଷ ଧରି ରକ୍ଷଣାବେକ୍ଷଣ କରିନଥିବାରୁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡ଼ିଥିଲା। ଗତ ଅଗଷ୍ଟ ମାସରେ ପ୍ରବଳ ବର୍ଷା ହେବା ଯୋଗୁ ନାଳରେ ବନ୍ୟା ପାଣି ଆସି ଉକ୍ତ ରାସ୍ତାରେ ଥିବା ଏକ କଲଭର୍ଟ ଧୋଇ ହୋଇଗଲା। ଫଳରେ ସେରିଗୁମା ପଞ୍ଚାୟତ ଲୋକଙ୍କୁ ରାୟଗଡା ଯିବା ଆସିବାରେ ବହୁତ ଅସୁବିଧା ସୃଷ୍ଟି ହେଉଥିଲା। ଏହାକୁ ନେଇ ଜିଲ୍ଲା ପ୍ରଶାସନ ଦୁନ୍ଦୁଲି ଛକ ଠାରୁ ବଲପାଇକୁ ପୁଣି ଆରଡ଼ି ବିଭାଗ ଦ୍ୱାରା କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ରାସ୍ତା ନୂତନ ଭାବେ ନିର୍ମାଣ ହେଉଛି। ରାସ୍ତା ନିର୍ମାଣଧୀନ ଅବସ୍ଥାରେ ଅତି ନିମ୍ନମାନର କାର୍ଯ୍ୟ ଠିକାଦାର କରୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏକ ମାସ ମଧ୍ୟରେ ସିମେଣ୍ଟ କଂକ୍ରିଟ୍ ରାସ୍ତା ଅତି ନିମ୍ନମାନର କରିଥିବାରୁ ଏକ ନୀଳଗିରି ବୁହା ଟ୍ରାକ୍ଟର ଯିବା ସମୟରେ ରାସ୍ତା ଦବି ଯିବାରୁ ଓଲଟି ପଡ଼ିଥିଲା। ରାସ୍ତା ଆରମ୍ଭରୁ ଯଦି ଏଭଳି ଅବସ୍ଥା, ତେବେ ଆଗାମୀ ଦିନରେ ଆହୁରି ଖରାପ ହେବ ବୋଲି ଗ୍ରାମବାସୀ କହିଛନ୍ତି। ସିମେଣ୍ଟ କଂକ୍ରିଟ କାର୍ଯ୍ୟ ଚାଲୁଥିବା ବେଳେ ଯନ୍ତ୍ରୀଙ୍କ ଉପସ୍ଥିତ ରହି କାର୍ଯ୍ୟକରିବାର ନିୟମ ଥିଲେ ମଧ୍ୟ ବିଭଗୀୟ ଅଧିକାରୀଙ୍କ ଅନୁପସ୍ଥିତ ରହବାରୁ ଠିକାଦାର ନିଜକୁ ସୁହାଇବା ଭଳି କାର୍ଯ୍ୟ କରିଛନ୍ତି। ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ଥିବା ମଧୁଚନ୍ଦ୍ରିକା ପଦାରେ ପଡିଯାଇଛି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ସରକାର ବଦଳିବା ପରେ କିଛି ଦୁର୍ନୀତିଗ୍ରସ୍ତଙ୍କ ମାନସିକ ସ୍ଥିତି ବଦଳିବ ବୋଲି ଯାହା ଲୋକେ ଭାବୁଥିଲେ ପ୍ରକୃତରେ ସମ୍ପୂର୍ଣ୍ଣ ଭିନ୍ନ ବୋଲି ଆଲୋଚନା ହେଉଛି। ଏଣୁ ଜିଲ୍ଲା ପ୍ରଶାସନ ଓ ବିଭଗୀୟ ତଦନ୍ତ ହେଲେ ଏ ସମ୍ପର୍କରେ ଜଣାପଡିବ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

# ବର୍ଷ ବର୍ଷ ବିତିଚାଲିଛି; ମିଳୁନି ମମତା ଯୋଜନାର ଅର୍ଥ

ମାଥିଲି,୧୨।୧୨(ସମିସ):

ମାତୃ ମୃତ୍ୟୁ ହାର କମାଇବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ମିଳିତ ଭାବରେ ଗର୍ଭବତୀ ମହିଳାମାନଙ୍କ ପାଇଁ ମମତା ଯୋଜନା ମାଧ୍ୟମରେ ୧୦ ହଜାର ଟଙ୍କା ଲେଖାଏଁ ଦୁଇ କିସ୍ତିରେ ଆର୍ଥିକ ସହାୟତା ଡିଟିବି ମାଧ୍ୟମରେ ସିଧାସଳଖ ବ୍ୟାଙ୍କ ଖାତାରେ ଜମା କରିବା ପାଇଁ ବ୍ୟବସ୍ଥା କରିଛନ୍ତି। କିଛି ଅଙ୍ଗନବାଡି କର୍ମଚାରୀ ଓ ବିଭାଗୀୟ ଅସାଧୁ ଅଧିକାରୀଙ୍କ ପାଇଁ ବର୍ଷ ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ମିଳୁ ନାହିଁ ମମତା ଯୋଜନାର ଆର୍ଥିକ ସହାୟତା। ଏପରି ଘଟଣା ଦେଖିବାକୁ ମିଳିଛି ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକରେ। ସୂଚନା ନେବାରୁ ଜଣାପଡ଼ିଛି ଯେ, ଗତ ୨୦୨୪ ମସିହା ଫେବୃଆରୀ ମାସ ୨୪ ତାରିଖରେ ଜଣେ ମହିଳା କାର୍ତ୍ତନପାଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ସଦର ଗ୍ରାମର ଦୁଇ ନମ୍ବର ଅଙ୍ଗନବାଡିରେ ଗର୍ଭବତୀ ପଞ୍ଜିକରଣ ପାଇଁ ସମସ୍ତ ପ୍ରକାର କାଗଜପତ୍ର ଦାଖଲ କରିଥିଲେ। କିନ୍ତୁ ସମ୍ପୃକ୍ତ କର୍ମଚାରୀ ଜଣଙ୍କ ପଞ୍ଜିକରଣ କରିବା ବିଳମ୍ବ କରିଥିଲେ। ଗାଁ ମୁଖିଆଙ୍କ ଲିଖିତ ଅଭିଯୋଗ ଆଧାରରେ ବିଭାଗୀୟ ଅଧିକାରିଣୀ କିଛି ବିଚାର ନ କରି ସେହି ମହିଳାଙ୍କର ଅଙ୍ଗନବାଡିରେ ନାମ ପଞ୍ଜିକରଣ କରି ନଥିଲେ। ଏହି ବିଷୟରେ ଯେତେବେଳେ ମହିଳା ଜଣଙ୍କ ଜାଣିଲେ ସଙ୍ଗେ ସଙ୍ଗେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ଲେଖି ମାଥିଲି ବ୍ଲକର ତତ୍କାଳୀନ ବିଡିଓଙ୍କ ଜରିଆରେ ପ୍ରଦାନ କରିଥିଲେ। ମହିଳା ଜଣଙ୍କ ଅଭିଯୋଗପତ୍ର ପ୍ରଦାନ ପରେ ତରବରିଆ ଭାବରେ ମେଡିକାଲ ତରଫରୁ ନାମ ପଞ୍ଜିକରଣ କରି ମମତା କାର୍ଡ ଦିଆଯାଇଥିଲା। କିନ୍ତୁ ଅଙ୍ଗନବାଡି କର୍ମୀ ଜଣଙ୍କ ଅଙ୍ଗନବାଡିରେ ସେହି ମହିଳାଙ୍କ ନାମ ପଞ୍ଜିକରଣ କରିଲେ ନାହିଁ। ମହିଳା ଜଣକ ଅଙ୍ଗନବାଡି ରେ ନାମ ପଞ୍ଜିକରଣ ନହେବା କାରଣରୁ ପ୍ରତିଦିନ ମାନସିକ ଚିନ୍ତାରେ ରହିଲେ। ବିନା ଅଙ୍ଗନବାଡ ନାମ ପଞ୍ଜିକରଣରେ ୨୦୨୪ ମସିହା ଅଗଷ୍ଟ ମାସ ୧୯ ତାରିଖରେ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅସ୍ତ୍ରୋପଚାର ପରେ ଏକ ଶିଶୁ ପୁତ୍ରକୁ ଜନ୍ମ ଦେଇଥିଲେ। ମହିଳା ଜଣଙ୍କ ଗର୍ଭ ଅବସ୍ଥାରେ ମାନସିକ ଚାପରେ ରହିଥିବାରୁ ଗର୍ଭରେ ଥିବା ଶିଶୁର ମସ୍ତିଷ୍କ ଉପରେ ପ୍ରଭାବ ପଡିଥିଲା। ଡାକ୍ତରଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ଅଗଷ୍ଟ ୨୩ ତାରିଖରେ ଶିଶୁଟିର ମୃତ୍ୟୁ ହୋଇ ଯାଇଥିଲା। ଏହା ପରେ ମହିଳା ଜଣଙ୍କ ମାନସିକ ଚାପରେ ରୋଗାଗ୍ରସ୍ତ ହୋଇ ଗୁରୁତର ହୋଇଥିଲେ। ତାଙ୍କୁ ମାଥିଲି ଉପଖଣ୍ଡ ଚିକିତ୍ସାଳୟ, ସେଠାରୁ ମାଲକାନଗିରି ଜିଲ୍ଲା ମୁଖ୍ୟାଳୟ ଓ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ, ବ୍ରହ୍ମପୁର ମେଡିକାଲ କଲେଜ ଏବଂ ଶେଷରେ ଭୁବନେଶ୍ୱର ସ୍ୱର୍ଣ୍ଣ ହସ୍ପିଟାଲକୁ ନିଆଯାଇଥିଲା। ସେଠାରୁ ଭୁବନେଶ୍ୱର ସ୍ଥିତ କିମସ ହସ୍ପିଟାଲ ନିଆଯାଇଥିଲା। ଅଙ୍ଗନବାଡି କର୍ମଚାରୀ ଓ ବିଭାଗୀୟ ଅଧିକାରିଣୀଙ୍କ ପାଇଁ ମହିଳା ଜଣଙ୍କ ଏପରି ଅବସ୍ଥା ଭୋଗିଥିବା ଅଭିଯୋଗ ହେଉଛି। ଏ ନେଇ ମାଥିଲି ସିସିପିଓ ମମତା ବେହେରାଙ୍କୁ ପଚାରିବାରୁ ସେହି ମହିଳା ଜଣଙ୍କର ଯେହେତୁ ବିଳମ୍ବରେ ନାମ ପଞ୍ଜିକରଣ ହୋଇଛି , ସେଥିପାଇଁ ମମତା ଯୋଜନାରେ ମିଳୁଥିବା ଆର୍ଥିକ ସହାୟତା କେବଳ ଗୋଟିଏ କିସ୍ତି ମିଳିବ। ଅଙ୍ଗନବାଡି କର୍ମୀ ଓ ବିଭାଗୀୟ ଅଧିକାରଣୀଙ୍କ ପାଇଁ ନାମ ପଞ୍ଜିକରଣ ବିଳମ୍ବ ଯୋଗୁଁ ମମତା ଯୋଜନାର ଆର୍ଥିକ ସହାୟତରୁ ବଞ୍ଚିତ ହୋଇଛନ୍ତି ମହିଳା ଜଣଙ୍କ। ଭୁଲ କରିବେ ବିଭାଗୀୟ କର୍ମଚାରୀ ଓ ଦଣ୍ଡ ଭୋଗିବେ ହିତାଧିକାରୀ କାହିଁକି ବୋଲି ପ୍ରଶ୍ନ ଉଠିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଏହାକୁ ତଦନ୍ତ କରି କାର୍ଯ୍ୟରେ ଅବହେଳା କରିଥିବା କର୍ମଚାରୀ ଓ ବିଭାଗୀୟ ଅଧିକାରିଣୀ ଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ମହିଳା ଜଣଙ୍କୁ ମମତା ଯୋଜନାରେ ମିଳୁଥିବା ଆର୍ଥିକ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# ମହିଳା ବିରୋଧୀ ହିଂସା ନିବାରଣ ପକ୍ଷ ଉଦ୍‌ଯାପିତ



ନବରଙ୍ଗପୁର,୧୨।୧୨(ସମିସ): ଅନ୍ତର୍ଜାତୀୟ ମହିଳା ବିରୋଧୀ ହିଂସା ନିବାରଣ ପକ୍ଷର ଉଦ୍‌ଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନଭେମ୍ବର ୨୫ ଡାବୁଗାଁ ମିଶନ ଶକ୍ତି ଗୃହରେ ଜିଲ୍ଲାପାଳଙ୍କ ଦ୍ୱାରା ଏହା ଉଦ୍‌ଘାଟିତ ହୋଇଥିବା ବେଳେ ଉଦଯାପନୀ କାର୍ଯ୍ୟକ୍ରମ ମଧ୍ୟ ଜିଲ୍ଲାପାଳଙ୍କ ନେତୃତ୍ୱରେ ସମ୍ପନ୍ନ ହୋଇଛି। ଏହି କାର୍ଯ୍ୟକ୍ରମ ମହିଳା ଓ ଶିଶୁ ବିକାଶ ବିଭାଗଙ୍କ ନିର୍ଦ୍ଦେଶ ଏବଂ ଜିଲ୍ଲା ସମାଜ କଲ୍ୟାଣ ବିଭାଗଙ୍କ ନେତୃତ୍ୱରେ ଆଇଏସଆରଡି ୱାନ୍ ଷ୍ଟପ୍ ସେଣ୍ଟର୍ ଦ୍ୱାରା ପାଳନ କରାଗଲା। ଏହି ଅବସରରେ ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର, ୱାନ ଷ୍ଟପ ସେଣ୍ଟର କେନ୍ଦ୍ର ପ୍ରଶାସକ ରଞ୍ଜିତା ସାହୁ, ମନୋରମା ମାଝୀ, ପ୍ରଭାତୀ ବିଷୋୟୀ , ଆଇନ ପରାମର୍ଶଦାତ୍ରୀ କିଶୋରୀ ପଟ୍ଟନାୟକ, ସ୍ମରଣିକା ପଟନାୟକ, ଜସ୍ମିନ ସିଂ, ପିନି ଖୋସଲା, ଟୁନି କନ୍ଧପଣ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆଭା ସଂଯୋଜକ, ପିରାମୋଲ ଫାଉଣ୍ଡେସନ ପ୍ରୋଗ୍ରାମ ମ୍ୟାନେଜେର, ଶକ୍ତି ସଦନ ପରିଚାଳିକା ନବରଙ୍ଗପୁର ଏବଂ ଡାବୁଗାଁ ସମସ୍ତଙ୍କୁ ସମ୍ମାନିତ କରିବା ପରେ ଜିଲ୍ଲା ଅଧିକାରୀଙ୍କ ଦ୍ୱାରା ୱାନ୍ ଷ୍ଟପ ସେଣ୍ଟର ଷ୍ଟାଫଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ରମା ପଟ୍ଟନାୟକ ସୁରକ୍ଷା ଅଧିକାରୀ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆରମ୍ଭ ହେଲା ଲୋକ ମହୋତ୍ସବ 'ମଣ୍ଡେଇ'

# ସମସ୍ତଙ୍କ ସହଯୋଗରେ ଜିଲ୍ଲାର ବିକାଶ ସୁନିଶ୍ଚିତ : ନିତ୍ୟାନନ୍ଦ ଗଣ୍ଡ










ନବରଙ୍ଗପୁର, ୧୨।୧୨(ସମିସ): ଶୁକ୍ରବାର ଠାରୁ ଆରମ୍ଭ ହୋଇଛି ନବରଙ୍ଗପୁରର ଜିଲ୍ଲାସ୍ତରୀୟ ଲୋକ ମହୋତ୍ସବ 'ମଣ୍ଡେଇ'। ୧୨ତାରିଖ ଠାରୁ ଆରମ୍ଭ ହୋଇ ୧୬ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଜିଲ୍ଲା ସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ ନବରଙ୍ଗପୁର ଅଧିଷ୍ଠାତ୍ରୀ ଦେବୀ ମାଁ ଭଣ୍ଡାର ଘରଣୀଙ୍କ ମନ୍ଦିର ଠାରେ ପୂଜାର୍ଚ୍ଚନା କରାଯାଇ ହିର୍ଲି ସ୍ଥିତ ନୂତନ ମଣ୍ଡେଇ ପଡିଆ ଅଭିମୁଖେ ଏକ ଶୋଭାଯାତ୍ରା ବାହାରିଥିଲା। ପାରମ୍ପରିକ ନୃତ୍ୟ ସହରର ଦୁଇଟି ଆଖଡ଼ା , ବାଲି ଚାଙ୍ଗଡ଼ା, ଢୋଲ, ଲାଠି , କୁର୍ଚି , ଭିମା ଭିମାଣୀ, ଘଣ୍ଟଶଙ୍ଖ, ସଂକୀର୍ତ୍ତନ, ଡିଜେ, ଖୁଟ ମନ୍ଦାର, ଖୋଟଲା ବାଜା, ଦଣ୍ଡାରୀ, ଗୋଟି ବାଜା, ବାନା ବାଡି, ମାଦଳି, ଅଲେଖ ଲୀଳା, କଂସ ବଧ, ଓଇଲି କଟଣି ଧାଙ୍ଗିଡି ନାଚ, ଖୋଟଲା ବାଜା, ହଂସ ନାଚ, ସବର ଲୀଳା, ଗୋରଣ୍ଡି, ଧାଙ୍ଗିଡି ନାଚ, ଦଣ୍ଡରିଆ ନାଚ, ବାଦ୍ୟ ଭିତରେ ସିଙ୍ଘ ବାଦ୍ୟ, ସାଇଲଡି, ମାଟି ମନ୍ଦାର, ମାଡ଼ିଆ ନାଚ, କଣ୍ଡାରି ନାଚ, ତୁମା ବଇ ପଦର ନାଚ, ଡୁଡୁରା ନାଚ, ମନ୍ଦଲ ବାଜା ନାଚ, ହୁଡୁକି ବାଦ୍ୟ ସହିତ ଜିଲ୍ଲାର ବିଭିନ୍ନ ବ୍ଲକ୍ ସଦର ଏବଂ ପଞ୍ଚାୟତରୁ ଆସିଥିବା ୧୦ଟି ବ୍ଲକରୁ ୨୦ରୁ ଅଧିକ ବାଜା ମହୁରିରେ ମୁଖ୍ୟ ରାସ୍ତାକୁ ଦୁଲୁକାଇବା ସହ ନବରଙ୍ଗପୁର ନୃତ୍ୟ ପରିବେଷଣ କରି ଶୋଭାଯାତ୍ରାରେ ଦେଖଣାହାରି ଙ୍କ ପାଇଁ ମଧ ବେଶ ମନୋରଞ୍ଜନ କରିଥିଲା। ଜିଲ୍ଲାସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇର ଏହି ଶୋଭାଯାତ୍ରା ମାଁ ଭଣ୍ଡାର ଘରଣୀ ମନ୍ଦିର ଠାରେ ପୂଜାର୍ଚ୍ଚନା କରି ସାରିବା ପରେ ଶୋଭାଯାତ୍ରା ନବରଙ୍ଗପୁର ସହରର ମୁଖ୍ୟ ରାସ୍ତା ଦେଇ ଯାଇ ହିର୍ଲି ସ୍ଥିତ ନୂତନ ମଣ୍ଡେଇ ପଡିଆ ଠାରେ ପହଞ୍ଚିବା ପରେ ସେଠାରେ ଭିମାଭିମାଣି ସ୍ଥାପନ ହେବ ପରେ ସନ୍ଧ୍ୟାରେ ପୂଜାର୍ଚ୍ଚନା କରାଯାଇଥିଲା ଏବଂ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥଲା। ମଣ୍ଡେଇ ଆରମ୍ଭର ଆଜିର ପ୍ରଥମ ଦିନର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ,ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିକାଶ, ସଂଖ୍ୟା ଲଘୁ ଓ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇ ନବରଙ୍ଗପୁର ଜିଲ୍ଲା ଏକ ସଂସ୍କୃତିର ଗନ୍ତାଘର। ଜିଲ୍ଲାର ପ୍ରତ୍ୟେକ ଘରେ ଘରେ ରହିଛନ୍ତି ଜଣେ ଜଣେ କଳାକାର। ଲୁକ୍କାୟତ ପ୍ରତିଭାର ବିକାଶ କରିବା ଏହି ଜିଲ୍ଲା ସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ ଏକ ମାଧ୍ୟମ ବୋଲି କହିଥଲେ। ଆଜି ଯେତେବେଳେ ମଣ୍ଡେଇ ଶୋଭାଯାତ୍ରା ବାହାରିଥିଲା, ସେତେବେଳେ ଲୋକକଳା, ଲୋକ ଗୀତ , ଏବଂ ଲୋକ ନୃତ୍ୟ ସଙ୍ଗୀତରେ କମ୍ପି ଉଠିଥିଲା ନବରଙ୍ଗପୁର ସହର। ଆମ ଜିଲ୍ଲାର କଳା ଏବଂ ସଂସ୍କୃତି ଭାରତ ବର୍ଷର କୌଣସି କଳାରେ କମ୍ ନୁହେଁ, ଏଥିରେ ଦ୍ୱିମତ ନାହିଁ ବୋଲି କହିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା କେବିନେଟ ମନ୍ତ୍ରୀ ଶ୍ରୀ ଗଣ୍ଡ। ଏହି ଅବସରରେ ସମ୍ମାନିତ ଅତିଥି ଭାବରେ ରାଜ୍ୟ ସଭା ସାଂସଦ ମୁଜିବୁଲ୍ଲା ଖାନ ଯୋଗ ଦେଇ ନବରଙ୍ଗପୁର ଜିଲ୍ଲାର ଲୋକ କଳା ଯେତେବେଳେ ଧୀରେ ଧୀରେ ଲୋପ ପାଇବାକୁ ବସିଥିଲା ସଠିକ୍ ସମୟରେ ଜିଲ୍ଲାସ୍ତରୀୟ ମଣ୍ଡେଇ କାର୍ଯ୍ୟକ୍ରମ କରି ଆଦିବାସୀ କଳା ଓ ପରମ୍ପରାକୁ ବଜେଇ ରଖିଥିବା ପାଇଁ ଚେଷ୍ଟା କରୁ ଥିବାରୁ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ୍ ଜଣାଇଥିଲେ। ଏହି ଅବସରରେ ରାଜ୍ୟ ସଭା ସାଂସଦ ଶ୍ରୀ ଖାନ୍ ଯୋଗ ଦେଇ ଆମ ନବରଙ୍ଗପୁର ମାଟି ହେଉଛି କଳାର ମାଟି ବୋଲି କହିଥିଲେ। ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗ ଦେଇ ନବରଙ୍ଗପୁର ଜିଲ୍ଲା ମହୋତ୍ସବ 'ମଣ୍ଡେଇ'ର ପ୍ରଥମ ଦିନରେ ଯେଭଳି ବିଭିନ୍ନ ଦେବାଦେବୀ , ଲାଠି କୁର୍ଚି ସହିତ ଶୋଭାଯାତ୍ରାରେ ଶତାଧିକ ଜନ ସାଧାରଣ ଯୋଗ ଦେଉଛନ୍ତି। ଏହି ପ୍ରକାର ଶୋଭାଯାତ୍ରା ଅନ୍ୟ କୌଣସି ଜିଲ୍ଲାସ୍ତରୀୟ ମହୋତ୍ସବରେ ଦେଖିବାକୁ ମିଳିବ ନାହିଁ। ଏହି ଅବସରରେ ଡ଼ାବୁଗାଁ ବିଧାୟକ ମନୋହର ରନ୍ଧାରୀ ଯୋଗ ଦେଇ ଜିଲ୍ଲା ଲୋକ ମହୋତ୍ସବ ମଣ୍ଡେଇ ବର୍ତ୍ତମାନ ସାରା ବିଶ୍ୱସ୍ତରୀରେ ପରିଚିତ ହୋଇଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ ଝରିଗାଁ ବିଧାୟକ ନରସିଂହ ଭତରା ଯୋଗ ଦେଇ ମଣ୍ଡେଇ ମଞ୍ଚ ହେଉଛି ଭାବର ଆଦାନ ପ୍ରଦାନ କରିବାର ମଞ୍ଚ ବୋଲି କହିଥିଲେ ଝରିଗାଁ ବିଧାୟକ ଶ୍ରୀ ଭତରା। ସମ୍ମାନିତ ଅତିଥି ଭାବରେ ନବରଙ୍ଗପୁର ପୌର ପରିଷଦ ଅଧ୍ୟକ୍ଷ କୁନୁ ନାୟକ ଯୋଗ ଦେଇଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲ୍ଲାପାଳ ତଥା ଜିଲ୍ଲା ସାଂସ୍କୃତିକ ପରିଷଦର ଅଧ୍ୟକ୍ଷ ଡଃ ମହେଶ୍ୱର ସ୍ୱାଇଁ ଏହି କାର୍ଯ୍ୟକ୍ରମକୁ ପୌରହିତ୍ୟ କରି ସ୍ୱାଗତ ଭାଷଣ ପରିବେଷଣ କରିବା ସହିତ ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ଏହି ଅବସରରରେ ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ , ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବିଶ୍ୱଜିତ୍ ବର୍ମନ୍ ,ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ମଞ୍ଚାସୀନ ଥିଲେ। ପି ଏ ଆଇଟିଡିଏ ରାଜୀବ କୁମାର ସାହୁ, ନବରଙ୍ଗପୁର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା , ନବରଙ୍ଗପୁର ତହସିଲଦାର କୁସ ଗରଡା, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଡି ଡବ୍ଲୁ ଓ ପଲକ। ରବୀନ୍ଦ୍ର , ନବରଙ୍ଗପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁନିଲ ଖୋରା , ନନ୍ଦା ହାଣ୍ଡି ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ସାହୁ, ପୌର ନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣ,", ଜିଲ୍ଲା ସଂସ୍କୃତି ଅଧିକାରୀ ଘାଶିଆ ହରିଜନ , ପାପଡା ହାଣ୍ଡି ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା ପ୍ରମୁଖଙ୍କ ସମେତ ବହୁ ଜିଲ୍ଲା ସ୍ତରୀୟ ଅଧିକାରୀ ଓ କର୍ମଚାରୀ , ପୋଲିସ ଅଧିକାରୀ ,କର୍ମଚାରୀ ଏବଂ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ। ଚଳିତ ୨୦୨୫ ଲୋକ ମହୋତ୍ସବ"କାର୍ଯ୍ୟକ୍ରମ ଶେଷରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ତପନ କୁମାର ଖୁଣ୍ଟିଆ ଧନ୍ୟବାଦ୍ ଅର୍ପଣ କରିଥିଲେ। ବିଭିନ୍ନ ସାଂସ୍କୃତିକ ଦଳ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓଡ଼ିଶୀ ନୃତ୍ୟ ,ରାଇଘର ବ୍ଲକର ଗଣ୍ଡି ନୃତ୍ୟ , ମହାରାଷ୍ଟ୍ର ର ଲବଣୀ ନୃତ୍ୟ , ଚାନ୍ଦା ହାଣ୍ଡି ବ୍ଲକ୍ ର ଘୁମୁରା ନୃତ୍ୟ , ବରଗଡ଼ ର ଡାଳ ଖାଇ ନୃତ୍ୟ , ଉମରକୋଟ ବ୍ଲକ୍ ର ଗୋଟି ବାଜା , ଭବାନୀପାଟଣା ର ସାଙ୍ଗାରି ବାଜା ସାଲ ନୃତ୍ୟ , ଗଞ୍ଜାମ ର ରଣପା ନୃତ୍ୟ ଏବଂ ଶେଷରେ ଭୁବନେଶ୍ୱର ର ଗୀତିକାର ନବ୍ୟା ଜୟତି ଏବଂ ତାଙ୍କ ଦଳ ଙ୍କୁ ନେଇ ଏକ ମେଲୋଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।






## କୁନ୍ଦୁରା ବ୍ଲକ ଅଧ୍ୟକ୍ଷାଙ୍କ ଦାୟିତ୍ୱ ଗ୍ରହଣ

କୁନ୍ଦୁରା, ୧୨।୧୨ (ସମିସ): କୁନ୍ଦୁରା ପଞ୍ଚାୟତ ସମିତି ଅଧ୍ୟକ୍ଷା ଉପନିର୍ବାଚନରେ ସ୍ୱାଧୀନ ଭାବେ ବିଜୟୀ ହୋଇ ଦାୟିତ୍ୱ ନେଲେ ବନିତା କାନ୍ଦଲିଆ। ବହୁ ବାଦବିବାଦ ପରେ ଅନ୍ତ ଘଟାଇ କୁନ୍ଦୁରା ବ୍ଲକକୁ ମିଳିଛି ନୂତନ ଅଧ୍ୟକ୍ଷା ପଦବୀ। ରାଜେଶ୍ୱରୀ ପରିଜା ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବାଗଦେରୀ ପଞ୍ଚାୟତରୁ ସମିତି ସଭ୍ୟାରେ ବହୁମତ ପାଇ ଦଳର ସମର୍ଥନରେ କୁନ୍ଦୁରା ବ୍ଲକର ୨୨ତମ ପଞ୍ଚାୟତ ସମିତି ଅଧ୍ୟକ୍ଷା ଭାବେ ଦାୟିତ୍ୱ ନେଇଥିଲେ। କିନ୍ତୁ ଏହାର ଠିକ୍ ମାସେ ପରେ ଅଧ୍ୟକ୍ଷା ନିଜର ମନମୁଖୀ ଶାସନ କରୁଥିବା ନେଇ ରାଜେଶ୍ୱରୀଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିଥିଲା। ଏହାକୁ ନେଇ ପ୍ରଶାସନ ଭୋଟିଂ ବ୍ୟବସ୍ଥା କରିଥିବା ବେଳେ ପୂର୍ବଦିନ ରାଜେଶ୍ୱରୀ ପରିଜା ଅଧ୍ୟକ୍ଷା ପଦବୀରୁ ଜୟପୁର ଉପଜିଲାପାଳଙ୍କ ନିକଟରେ ଇସ୍ତଫାପତ୍ର ଦେଇଥିଲେ। ବର୍ତ୍ତମାନ ନୂତନ ଦାୟିତ୍ୱ ନେବା ପରେ କୁନ୍ଦୁରା ବ୍ଲକ ରୂପରେଖ ଅବସ୍ଥା ସୁଧାରିବା ନେଇ ଯେତିକି ଦିନ ଦାୟିତ୍ୱରେ ରହିବି ସୁଚାରୁରୂପେ ସମ୍ପନ୍ନ କରିବି ବୋଲି ନବନିର୍ବାଚିତ ଅଧ୍ୟକ୍ଷା ବନିତା କାନ୍ଦଲିଆ କହିଛନ୍ତି। ଏହାକୁ ନେଇ ଉପାଧ୍ୟକ୍ଷ ତରୁଣୀସେନ ବିଷୋୟୀ, ବିଧାୟକ ପ୍ରତିନିଧି ବଦ୍ରି ନାରାୟଣ ଆଚାର୍ଯ୍ୟ, ଏମ୍‌ପି ପ୍ରତିନିଧି ତୁଷାର ଭଟ୍ଟ, ପ୍ରକାଶ ପଟ୍ଟନାୟକ, ସମିତିସଭ୍ୟା ମମତା ଭଟ୍ଟ, ମମିତା ହରିଜନ, ସୁବର୍ଣ୍ଣ ନାୟକ, ସଦନ ମୁଦୁଲି, ଗୁପ୍ତ ଅଡାରୀ,ସରପଞ୍ଚ ରାମଚନ୍ଦ୍ର ବାଣ୍ଟଆ, ଭାନୁମତି ମସିଆ, ଡମ୍ବରୁ ପୂଜାରୀ, ଶିବ ପ୍ରଧାନୀ,ଗୁପ୍ତ ନାୟକ, ବୁଲୁ ସାହୁ, ଗୁପ୍ତ ହରିଜନ ଶୁଭେଚ୍ଛା ଜଣାଇବା ସହ ପୁଷ୍ପଗୁଚ୍ଛ ଦେଇଥିଲେ। ଏଥି ସହିତ ବ୍ଲକ କର୍ମଚାରୀମାନେ ମଧ ଶୁଭେଚ୍ଛା ଜଣାଇଥିଲେ।

## ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ

ବୈପାରୀଗୁଡା, ୧୨।୧୨(ସମିସ): ବୈପାରୀଗୁଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସ୍ଥିତ ସଭା ଗୃହ ଠାରେ ହିତାଧିକାରୀଙ୍କୁ ନେଇ ଅନ୍ତ୍ୟୋଦୟ ଆବାସ ମେଳା ଅନୁଷ୍ଠିତ କରାଯାଇଛି। ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସଭାପତିତ୍ୱ ରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମ ର ମୁଖ୍ୟ ଅତିଥି, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଗୁପ୍ତା ସମ୍ମାନିତ ଅତିଥି, ଉପାଧ୍ୟକ୍ଷା ପୂର୍ଣ୍ଣିମା ବାରିକ, ବୈପାରୀଗୁଡା ସମିତି ସଭ୍ୟା ମଞ୍ଜୁଲତା ପଟ୍ଟନାୟକ, ଦଣ୍ଡକ୍ଷବାଡ଼ି ସମିତି ସଭ୍ୟ ମାଧବ ଖରା, ଏବିଡ଼ିଓ ନିବେଦିତା ଦଣ୍ଡସେନା, ପ୍ରକଳ୍ପ ସଂଯୋଜକ ପ୍ରଦୀପ ଆଚାର୍ଯ୍ୟ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଏହି ଆବାସ ମେଳା ଆୟୋଜିତ ହେବାର ମୂଳ ଲକ୍ଷ ହେଲା ହିତାଧିକାରୀ ଙ୍କୁ ସଚେତନ କରି ସରକାରୀ ଯୋଜନା ର ସଫଳ ରୂପାୟନ କରିବା। ଯେଉଁ ହିତାଧିକାରୀ ଙ୍କୁ ଆବାସ କାର୍ଯ୍ୟାଦେଶ ମିଳିଛି ସେମାନେ କିଭଳି ଭାବେ ସରକାରୀ ନିୟମ ଅନୁସାରେ ଅବଧି ପୂର୍ବରୁ କାର୍ଯ୍ୟ ସମାପ୍ତ କରି ପ୍ରୋତ୍ସାହନ ରାଶି ପାଇପାରିବେ ତାକୁ ନେଇ ଏହି ମେଳା ରେ ଉପସ୍ଥିତ ହିତାଧିକାରୀଙ୍କୁ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲା। ଏହି ଅନ୍ତୋଦୟ ଆବାସ ମେଳାରେ ବ୍ଲକର ପାଞ୍ଚ ଜଣ ହିତାଧିକାରୀଙ୍କୁ କୁଡ଼ିଏ ହଜାର ଏବଂ ୩୩ଜଣଙ୍କୁ ଦଶ ହଜାର ପ୍ରୋତ୍ସାହନ ରାଶି ଚେକ ମାଧ୍ୟମରେ ପ୍ରଦାନ କରାଯାଇଛି । ପାଞ୍ଚ ଜଣ ହେଲେ ସେମାନେ ହେଲେ ଚନ୍ଦ୍ରପୋଡା ଫଂଚାୟତର ଶିବ ଗୌଡ଼, ଦଶମନ୍ତପୁର ପଞ୍ଚାୟତର ଗୌର ଦାସ, ଦରାଗୁଡାର ଲୋଚମା ଘେଁଉରିଆ, ମାଠପୋଡା ପଞ୍ଚାୟତର ସାମନାଥ ତରାପୁଟିଆ, ମହୁଲି ପଞ୍ଚାୟତର ଯମୁନା ଖିଲ। ଅନ୍ୟ ୩୩ଜଣଙ୍କୁ ଦଶ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି।

## ବିଜେଡି ବର୍ଷୀୟାନ ନେତାଙ୍କ ପରଲୋକ

ନନ୍ଦପୁର,୧୨।୧୨ କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକର ଜଣେ ପୁରୁଖା ବର୍ଷୀୟାନ ବିଜେଡି ନେତା ତଥା ପୂର୍ବତନ ସରପଞ୍ଚ ଗଙ୍ଗାନା ପାଙ୍ଗିଙ୍କର ପରଲୋକ ହୋଇ ଯାଇଛି। ତାଙ୍କ ମୃତ୍ୟୁ ଖବର ନେଇ ସିଏଲପି ନେତା ତଥା ବିଧାୟକ ରାମଚନ୍ଦ୍ର କାଡ଼ାମ ଗଭୀର ଶୋକ ପ୍ରକାଶ କରିଥିବା ବେଳେ ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି, ପିତମ ପାଢ଼ି , ବିଜେଡି ଦଳର ବହୁ ବରିଷ୍ଠ ନେତା କର୍ମୀ ପୂର୍ବତନ ସରପଞ୍ଚ ଜଗନ୍ନାଥ ପାଙ୍ଗି, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ନାର୍ଶ୍ଚଲୁ କାମୁଡି, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରଭାତ ଗୁରୁ ମାଇ, ବ୍ଲକ୍ ଉପାଧ୍ୟକ୍ଷ ଗୋପାଳ ହନ୍ତାଳ, ସାମାଜିକ କର୍ମୀ ମୁନା ଦଳପତି, ବ୍ଲକ୍ ବିଜେଡି ସଭାପତି କାଶୀନାଥ ଗୋଲ ରି, ସେକନୁର, ବିଜେପି ବରିଷ୍ଠ ନେତା ସେକ ଗୋଫୁର, ସୁରେଶ୍ ପଟ୍ଟନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ହନ୍ତାଳ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ କାର୍ତ୍ତିକ ଖେମୁଣ୍ଡୁ ସାମାଜିକ କର୍ମୀ ନୀଳ ସେଠୀ, ସମିତି ସଭ୍ୟ ସମେତ ଶତାଧିକ କର୍ମୀ ମଦିୟ ବାସ ଭବନ ପହଞ୍ଚି ଶେଷ ଦର୍ଶନ କରିବା ସହ ଗଭୀର ଶୋକ ପ୍ରକାଶ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି। ସ୍ୱର୍ଗତ ପାଙ୍ଗିଙ୍କ ଉଦ୍ୟମରେ ବାଇଲଗୁଡାଠାରେ ଅଲେଖମହିମା ମନ୍ଦିର ସ୍ଥାପନ ସହ ଅଲେଖ ଧର୍ମ ପ୍ରଚାର ପ୍ରସାର ହୋଇଥିଲା।

## ମନ୍ତ୍ରୀଙ୍କ କମ୍ବଳ ବର୍ଣ୍ଟନ

ଉମରକୋଟ,୧୨।୧୨(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌର ପରିଷଦ ଅନ୍ତର୍ଗତ ୱାର୍ଡ ନଂ ୧୨ ଠାରେ ଆଜି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କମ୍ବଳ ବାଣ୍ଟିଛନ୍ତି। ମନ୍ତ୍ରୀ ଶ୍ରୀ ଗଣ୍ଡ ୧୨ ନଂ ୱାର୍ଡ ଠାରେ କିଛି ନିହାତି ଗରିବ ଲୋକ ବସବାସ କରୁଥିବା ଜାଣିପାରି ସେଠାରେ କମ୍ବଳ ବାଣ୍ଟିବା ପାଇଁ ମନସ୍ଥ କରିଥିଲେ।"ଉକ୍ତ କାର୍ଯ୍ୟକ୍ରମରେ ମାନ୍ୟବର ମନ୍ତ୍ରୀ ଙ୍କ ସହ ଭାଜପା ରାଜ୍ୟ ଉପସଭାପତି ରମେଶ ଚନ୍ଦ୍ର ସାହୁ, ମନ୍ତ୍ରୀ ଙ୍କ ପ୍ରତିନିଧି ଅଶୋକ କୁମାର ପାଢୀ, କାଉଁସିଲର ପ୍ରାର୍ଥିନୀ ରିଙ୍କି ଦୁରିଆ, ଗୀତା ହିଆଲ, ବିଷମ ହରିଜନ, ମଞ୍ଚାସୀନ ଥିବା ବେଳେ ଅମିତ ଦାଲଦାର, ନଗର ସଭାପତି ସନ୍ତୋଷ ଶର୍ମା, ଦିଲିପ, ବିଶ୍?ାସ, ମିଲୁ ପଣ୍ଡା , ସତ୍ୟ ବେହେରା , ମୁନା ପାଣିଗ୍ରାହୀ , ପ୍ରଭାତ ନାୟକ, ଶ୍ୟାମଲାଲ କଳାର , ଶିବପ୍ରସାଦ ପତି, ସୀମାଞ୍ଚଳ ବିଷୋୟୀ ଙ୍କ ସହ ଭାଜପା ର ବହୁ କାର୍ଯ୍ୟକର୍ତା ସାମିଲ ହୋଇଥିଲେ।

## ଅବକାରୀ ଧରପଗଡ଼

ପୋଡ଼ାଗଡ ୧୨।୧୨(ସମିସ): କୋରାପୁଟ ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶରେ ଆଜି ଲକ୍ଷ୍ମୀପୁର ଅବକାରୀ ଥାନା ଅଧିକାରୀ କୁଶ ଜାଲଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରି ଦଶମନ୍ତପୁର ଅଞ୍ଚଳର ବିଭିନ୍ନ ଅଞ୍ଚଳରେ ଚଢ଼ଉ କରିଥିବା ଦେଖା ଦେଇଛି। ଅବକାରୀ ଥାନା ଅଧିକାରୀଙ୍କ ସୂଚନା ମୁତାବକ ଦଶମନ୍ତପୁର ବ୍ଲକ ଅଧିନସ୍ଥ ମୂର୍କର ଗ୍ରାମରୁ ଦେଶୀ ମଦ ସହ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଦେଶୀ ମଦ ବ୍ୟବସାୟୀ ଜଣକ ହେଲେ ଗୁପ୍ତେଶ୍ୱର ସୁବୁଦ୍ଧି। ତାଙ୍କ ଠାରୁ ୯ ଲିଟର ଦେଶୀ ମଦ ଜବତ କରିଥିବା ସୂଚନା ଦେଇଛନ୍ତି। ଏହି ଚଢ଼ଉରେ ଏଏସ ଆଇ କମଳାକୁମାରି ମହାକୁଡ଼ ସ୍ମୃତିକନ୍ତ ବିଶ୍ୱାଳ ମେଘନାଥ ଶବର ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ରାହାଗିରି ପାଇଁ ରବିବାର ବଜାର ବନ୍ଦ

ଜୟପୁର,୧୨।୧୨(ସମିସ): ଆସନ୍ତା ରବିବାର ୧୪ ତାରିଖ ଦିନ ଜୟପୁର ମୁଖ୍ୟ ରାସ୍ତାରେ ରାହାଗିରି ପଥୋତ୍ସବ ହେଉଥିବା ଯୋଗୁଁ ରାସ୍ତାର ଉଭୟ ପାଶ୍ୱର୍ରେ ଥିବା ସମସ୍ତ ଦୋକାନ ବନ୍ଦ ରହିବ ବୋଲି ପୌର ପାଳିକା ପକ୍ଷରୁ ଘୋଷଣା କରାଯାଇଛି। ରାହାଗିରି ନିମନ୍ତେ ପୁରାତନ ଆନ୍ଧ୍ର ବ୍ୟାଙ୍କ ସମ୍ମୁଖରେ ମୁଖ୍ୟ ଷ୍ଟେଜ ନିର୍ମାଣ କରାଯାଇଛି। ତେଣୁ ଷ୍ଟେଜର ଉଭୟ ପଟେ ୨୫ଟି ଲେଖାଏଁ ଷ୍ଟଲ ଖୋଲାଯାଉଛି। ବାଙ୍କ ମଠଠାରୁ ସୌରାସାହି ଛକ ପର୍ଯ୍ୟନ୍ତ ୫୧ଟି ଷ୍ଟଲ କରାଯାଇଥିବା ବେଳେ ରାସ୍ତାଟି ଜନଗହଳି ହେବ। ତେଣୁ ରାସ୍ତାର ଉଭୟ ପାଶ୍ୱର୍ରେ ଥିବା ଦୋକାନ ଗୁଡିକ ବନ୍ଦ ରଖିବା ପାଇଁ ମାଇକ ମାଧ୍ୟମରେ ପ୍ରଚାର କରାଯାଉଛି।

## ସରପଞ୍ଚଙ୍କ ମକା ଗଦାରେ ଲାଗିଲା ନିଆଁ

କୁନ୍ଦୁରା, ୧୨।୧୨(ସମିସ): ସରପଞ୍ଚଙ୍କ ମକା ଗଦାରେ ଲାଗିଲା ନିଆଁ । ଅଗ୍ନିକାଣ୍ଡ ଯୋଗୁଁ ୮ କ୍ୱିଣ୍ଟାଲ ମକା ସମ୍ପୂର୍ଣ୍ଣ ଜଳି ନଷ୍ଟ ହୋଇଯାଇଛି । ଏଭଳି ଘଟଣା କୁନ୍ଦୁରା ବ୍ଲକ ଅନ୍ତର୍ଗତ ବାଗଦେରୀ ପଞ୍ଚାୟତ ସଦର ମହକୁମା ଠାରେ ଘଟିଛି । ସ୍ଥାନୀୟ ବାଗଦିରୀ ସରପଞ୍ଚଙ୍କ ୧୦ ଏକର ମକା ଚାଷ ଅମଳ ମକା ଏକାଠି ଗଦା କାରି ରଖିଥିବା ବେଳେ କୌଣସି କାରଣରୁ ନିଆଁ ଲାଗିଛି । ଖବର ପାଇଁ ଅଗ୍ନିଶମ ବାହିନୀ ଅଧିକାରୀ ସରୋଜ କୁମାର ବୁଟିଆଙ୍କ ନେତୃତ୍ୱରେ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଫଳରେ ଅଳ୍ପକେ ବର୍ତ୍ତିଲା ପାଖରେ ଥିବା ଶହ ଶହ ମକା ବସ୍ତା। ତେବେ ୮ କ୍ୱିଣ୍ଟାଲ ମକା ନଷ୍ଟ ହୋଇଛି। ଅଗ୍ନିଶମ ବାହିନୀର ପଦଲାମ ଗୁଣ୍ଠା, ରାମକୃଷ୍ଣ ଗୌଡ଼, ଅଜୟ ହରିଜନ, ଚନ୍ଦ୍ର ଶେଖର ମାଝୀ, ଶ୍ୟାମ ଲାଲ ଗଣ୍ଡ, ଶ୍ରୀକାନ୍ତ ସେଠି, ସରୋଜ ବୁଟିକ ପ୍ରମୁଖ ସହଯୋଗ କରିଥିଲେ ।

## ପଟ୍ଟଗୁଡାରେ ପ୍ରତିବାଦ ସଭା




ବୈପାରୀଗୁଡ଼ା,୧୨।୧୨(ସମିସ): ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ପେଟ୍ରୋଗୁଡା ଠାରେ ଏଆଇକେକେଏମଏସ ପକ୍ଷରୁ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । କେଉଁଝର ପାଟଣାରେ ଜିନ୍ଦଲ ପୋସ୍କୋ ମେଗା ଷ୍ଟିଲ ପ୍ଲାଣ୍ଟ ଜମି ଅଧିଗ୍ରହଣକୁ ନେଇ ବିରୋଧରେ ହୋଇ ଆସୁଥିବା ବେଳେ ଆଜି ଜିଲ୍ଲା ସଭାପତି କମ୍ରେଡ଼ ରାମ ବାରିଙ୍କ ନେତୃତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏ ଆଇକେକେ ଏମ ଏସ ଅଭିଯୋଗ ଅନୁଯାଇ, ଚାଷୀ ଆନ୍ଦୋଳନ କରିବାରୁ ସଂଯୁକ୍ତ କିଶାନ ମୋର୍ଚ୍ଚା ସର୍ବ ଭାତୀୟ ନେତା, ଏ ଆଇ କେ କେ ଏମ ଏସ ର ସର୍ବ ଭାରତୀୟ ସଭାପତି କମ୍ରେଡ ସତ୍ୟବାନ୍, ରାଜ୍ୟ ସଭାପତି କମ୍ରେଡ୍ ସଦାଶିବ ଦାସଙ୍କୁ ଆକ୍ରମଣ ଏବଂ ଅପହରଣ କରି ଓଡ଼ିଶାର କେଉଁଝର ଅନ୍ତର୍ଗତ ତୁରୁମୁଙ୍ଗା ଥାନାରେ ଅଟକ ରଖିଛନ୍ତି । ଏ ଘଟଣାକୁ ପ୍ରତିବାଦ କରି କୋରାପୁଟ ଜିଲ୍ଲାର ପଟ୍ଟଗୁଡ଼ା ଠାରେ ଶତାଧିକ ଚାଷୀ ମିଳିତ ହୋଇ ଏକ ପ୍ରତିବାଦ ସଭା କରିଥିଲେ।

